POSTAL REGISTRATION NO.- PURI/45/2025-27
Visit our website: sssoochanaenewspaper.in
RNI REGISTRATION NO.- ODIBIL/2021/81452



# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା

SHREE SHRIKSHETRA SOOCHANA

/shreeshrikshetrasoochana /ssoochana +91 94370 58632

ଶ୍ରଦ୍ଧାଞ୍ଜଳି



ଓଡ଼ିଶାର ଦୁଇ ବରେଣ୍ୟ ବରପୁତ୍ର ଡ. ଦେବେନ୍ଦ୍ର ପ୍ରଧାନ ଓ ଡ. ରମାକାନ୍ତ ରଥଙ୍କ ବିୟୋଗରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ର ପରିବାର ପକ୍ଷରୁ ବିନମ୍ର ଶ୍ରଦ୍ଧାଞ୍ଜଳି।

VOL - 4 ❖ ISSUE - III ❖ MARCH 2025 ❖ PURI ❖ PAGE - 8 ❖ Rs. 10.00
ଚତୁର୍ଥ ବର୍ଷ ❖ ତୃତୀୟ ସଂଖ୍ୟା ❖ ମାର୍ଚ୍ଚ ୨୦୨୫ ❖ ପୁରୀ ❖ ପୃଷ୍ଠା : ୮ ❖ ମୂଲ୍ୟ : ଟ. ୧୦.୦୦

## ସମ୍ପାଦକୀୟ

# ଉତ୍କଳ ଦିବସ ଅନୁଚିନ୍ତା

"ଜଗତ ସରସେ ଭାରତ କମଳ
ତା' ମଧେ କେଶର ପୁଣ୍ୟ ନୀଳାଚଳ।"



ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ସକାଶେ ଜନ ଆନ୍ଦୋଳନ, ବହୁ ମନୀଷୀ ଓ ଚିନ୍ତାନାୟକମାନଙ୍କର ଅବିରତ ପ୍ରଚେଷ୍ଟା ଓ ଦେଶ ଜାତିପ୍ରୀତିର ଫଳଶ୍ରୁତିସ୍ୱରୂପ ୧୯୩୬ ମସିହା ଅପ୍ରେଲ ପହିଲାରେ ଭାଷାଭିତ୍ତିରେ ଗଢି ଉଠିଥିଲା ଦେଶର ପ୍ରଥମ ରାଜ୍ୟ ଓଡ଼ିଶା । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ଯୋଗଜନ୍ମା ମନୀଷୀଗଣଙ୍କ ମଧ୍ୟରେ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବୈକୁଣ୍ଠନାଥ ଦେ, ପଣ୍ଡିତ ନୀଳକଣ୍ଠ ଦାସ, ବ୍ୟାସକବି ଫକୀର ମୋହନ, କବିବର ରାଧାନାଥ ରାୟ, ଗଙ୍ଗାଧର ମେହେର, ମା' ରମାଦେବୀଙ୍କ ପରି ଅସଂଖ୍ୟ ଓଡ଼ିଆ ପ୍ରାଣ ଓ ଯୁଗପୁରୁଷଙ୍କୁ ଉତ୍କଳ ଦିବସ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ । ଦିନ ଥିଲା ପ୍ରାଚୀନ ଓଡ଼ିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଓଡ଼ିଶାର ସାହସୀ ବଣିକ ଜାତି ଜାଭା, ସୁମାତ୍ରା, ବାଲି ପ୍ରଭୃତି ସ୍ଥାନକୁ ନୌଯାତ୍ରା କରି ସେଠାରେ ବାଣିଜ୍ୟ ସହିତ ଏ ରାଜ୍ୟକୁ ସମୃଦ୍ଧଶାଳୀ କରିଥିଲେ । 'କଳିଙ୍ଗ ସାହସିକା' ରୂପେ ପରିଚିତ ବୀର ଓ ଦୁର୍ଦ୍ଧର୍ଷ ଜାତି ଓଡ଼ିଆମାନେ ସମଗ୍ର ଦେଶରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲେ । ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ଭାସ୍କର୍ଯ୍ୟ ଏବଂ ସାହିତ୍ୟର ଉନ୍ନତି ଚରମ ସୀମାରେ ଉପନୀତ ହୋଇଥିଲା । ମାତ୍ର କାଳଚକ୍ର ତଳେ ସେହି ଗୌରବମୟ ଐତିହ୍ୟ ପେଷି ହୋଇଯାଇଥିଲା । ଓଡ଼ିଶା ଥିଲା ଶେଷ ପ୍ରଦେଶ, ଯାହା ୧୮୦୩ ମସିହାରେ ବ୍ରିଟିଶ୍ ଶାସନାଧୀନ ହୋଇଥିଲା । କିନ୍ତୁ ଏହା ପ୍ରଥମ ପ୍ରଦେଶ ଥିଲା, ଯେଉଁଠି ୧୮୧୭ ମସିହା ପାଇକ ବିଦ୍ରୋହ ରୂପକ ଭାରତୀୟ ଜାତୀୟତାବାଦୀ ଆନ୍ଦୋଳନର ସୂତ୍ରପାତ ଘଟିଥିଲା । ଏହି ଆନ୍ଦୋଳନ ସାରା ଦେଶରେ ଜାତୀୟ ସଚେତନତାର ମଞ୍ଜି ବୁଣିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା । ବ୍ରିଟିଶ୍ ଶାସକ ଏହି ଓଡ଼ିଶା ଭୂଖଣ୍ଡକୁ ସ୍ୱାର୍ଥଭିତ୍ତିରେ ଭାଗ ଭାଗ କରି ବିଭିନ୍ନ ପ୍ରଦେଶ ଅଧୀନରେ ରଖୁବା ସହ ଏହି ଭୂଖଣ୍ଡକୁ ଦୁର୍ବଳ କରିଦେବାକୁ ଚକ୍ରାନ୍ତ କରିଥିଲେ । ତେବେ ସେ ଯାହାହେଉ, ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ଏକତ୍ରିତ କରି ଗୋଟିଏ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଦାବି ଜୋର୍ ଧରିଥିଲା । (ପୃଷ୍ଠା-୭)

(ରାଜେଶ କୁମାର ମହାନ୍ତି)

## ବିଳମ୍ବିତ ରାତିରେ ଗୃହୀତ ହେଲା

# ୱାକଫ୍ ସଂଶୋଧନ ବିଲ୍



**ନୂଆଦିଲ୍ଲୀ:** ବହୁ ଚର୍ଚ୍ଚିତ ୱାକଫ୍ ଆଇନରେ ସଂଶୋଧନ ପାଇଁ ପ୍ରସ୍ତୁତ ୱାକଫ୍ (ସଂଶୋଧନ) ବିଧେୟକ ୨୦୨୫ ବୁଧବାର ବିଳମ୍ବିତ ରାତିରେ ୨ଟାରେ ଲୋକ ସଭାରେ ଗୃହୀତ ହୋଇଛି। ବିଧେୟକ ସପକ୍ଷରେ ୨୮୮ଟି ଭୋଟ ପଡ଼ିଥିବାବେଳେ ବିରୋଧରେ ୨୩୨ଟି ଭୋଟ୍ ଯାଇଥିଲା। ଏହି ସଂଶୋଧନ ବିଧେୟକ ଉପରେ ଦୀର୍ଘ ୧୨ ଘଣ୍ଟାରୁ ଅଧିକ ସମୟ ଧରି ବିତର୍କ କରାଯାଇଥିଲା। ଶେଷରେ ଶାସକ ଦଳ ପକ୍ଷରୁ ଆସିଥିବା ଗୋଟିଏ ସଂଶୋଧନ ପ୍ରସ୍ତାବ ଧ୍ୱନୀ ମତରେ ଗୃହୀତ ହୋଇଥିଲା। ଅନ୍ୟ ପକ୍ଷରେ ବିରୋଧୀଙ୍କ ଆଗତ ପ୍ରାୟ ୧୫୦ ସଂଶୋଧନ ପ୍ରସ୍ତାବକ ହଟାଇଥିଲା। ବିରୋଧୀ ସେମାନଙ୍କର କେତେକ ସଂଶୋଧନ ପ୍ରସ୍ତାବ ଉପରେ ଭୋଟିଂ ଦାବି କରିବାରୁ ବାଚସ୍ପତି ଓ ମ୍ଲିର୍ଲା ଏହା ଉପରେ ମତଦାନ କରାଇଥିଲେ। ପ୍ରଥମେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ବିଧେୟକକୁ ଆଗତ କରି କିଭଳି ଏହା ଜେପିସିରେ ବ୍ୟାପକ ଚର୍ଚ୍ଚା ଓ ଆଲୋଚନା କରାଯାଇ ସମସ୍ତ ସଂଶୋଧନ ସହ ଲୋକସଭାରେ ଆଗତ କରାଯାଇଛି। ତାହା ଉପରେ ମତ ରଖିଥିଲେ। ଏଥିପାଇଁ ଜେପିସିର ଅଧ୍ୟକ୍ଷ ସାଂସଦ ଜଗଦମ୍ବିକା ପାଲ ଏବଂ ଅନ୍ୟ ସମସ୍ତ ଶାସକ ଓ ବିରୋଧୀ ଦଳରୁଥିବା ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବଜେଟ୍ ଅଧିବେଶନ ଶେଷ

# ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ପାରିତ



**ଭୁବନେଶ୍ୱର:** ସପ୍ତଦଶ ବିଧାନ ସଭାର ତୃତୀୟ ଅଧିବେଶନ ତଥା ବଜେଟ୍ ଅଧିବେଶନ ଶେଷ ହୋଇଛି। ତିନୋଟି କାର୍ଯ୍ୟ ଦିବସ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବି ଘୋଷଣା କରିଛନ୍ତି। ଏହି ଅଧିବେଶନ ୨୮ଟି କାର୍ଯ୍ୟ ଦିବସ ମଧ୍ୟରୁ ୨୫ଟି କାର୍ଯ୍ୟ ଦିବସ ଚାଲିଥିଲା। ଆଗକୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନଥିବାରୁ ବିଧାନ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିବା ଲାଗି ପ୍ରସ୍ତାବ ଆଣିଥିଲେ ସରକାରୀ ଦଳ ମୁଖ୍ୟ ସଚେତକ, ଯାହାକୁ ସମର୍ଥନ କରିଥିଲେ ଏକାଧିକ ବିଧାୟକ। ପରେ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବି କରିଥିଲେ। ଗୃହର ୨୫ତମ କାର୍ଯ୍ୟ ଦିବସରେ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ-୨୦୨୪ ଏବଂ ରାଜ୍ୟ ରାଜପଥ ପ୍ରାଧିକରଣ ବିଲ-୨୦୨୫ ବିଧାନ ସଭାରେ ପାରିତ ହୋଇଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଗୃହରେ ପାରିତ ହୋଇଛି। ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ବେଶ ଘଟଣା ବହୁଳ ଥିଲା। କଂଗ୍ରେସ ଦଳର ସମସ୍ତ ବିଧାୟକ ପ୍ରଥମଥର ପାଇଁ ବିଧା ନସଭା ଇତିହାସରେ ଗୃହରୁ ନିଲମ୍ବିତ ହୋଇଥିଲେ। ଏହାସହ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ ଏବଂ ରାଜ୍ୟ ରାଜପଥ ପ୍ରାଧିକରଣ ବିଲ ଆଲୋଚନା ବେଳେ ରାତି ତମାମ ଚାଲିଥିଲ। ବିଧାନସଭ । ବୁଧବାର ସକାଳ ୧୦.୩୦ ମିନିଟରେ ଆରମ୍ଭ ହୋଇ ଗୃହଗୁରୁବାର ସକାଳ୭ଟା୫ ପର୍ଯ୍ୟନ୍ତ ଚାଲିଥିଲା।

### ସର୍ବକାଳୀନ ରେକର୍ଡ

ବିଧାନ ସଭାରେ ବିଲ ପାସ ହେବାର ରେକର୍ଡ ରହିଛି ୨୦୦୩ ପୁଲିସ ବିଲ୍ ପାସ୍ ସମୟର। ତତ୍କାଳନୀ ମିଳିତ ସରକାର ୨୦୦୩ ନଭେମ୍ବର ୧୦ ତାରିଖରେ ପୁଲିସ୍ ବିଲ୍ ଆଣି ଥିଲେ। ଏହି ବିଲ୍ ୨୦୦୩ ନଭେମ୍ବର ୧୧ ଅପରାହ୍ନ ୩ଟା ୫୬ରୁ ଆରମ୍ଭ ହୋଇ ନଭେମ୍ବର ୧୨ ସକାଳ ୮ଟା ୩୨ ମିନିଟ ପର୍ଯ୍ୟନ୍ତ ଚାଲିଥିଲା। ସାଢେ ଷୋଳ ଘଣ୍ଟ। ପର୍ଯ୍ୟନ୍ତ ବିଲ୍ ପାସ୍ ପାଇଁ ଚାଲିଥିବା ବିଧାନ ସଭା ସର୍ବକାଳୀନ ରେକର୍ଡ ରହିଛି। ରାଜ୍ୟ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ-୨୦୨୪ ପାରିତ ହେବ । ପାଇଁ ସାଢେ ୧୨ଘଣ୍ଟା ସମୟ ଲାଗିଛି। ସାଢେ ୧୨ଘଣ୍ଟା ଆଲୋଚନା ପରେ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲ୍ ପାରିତ ହୋଇଛି।

# ରାଜ୍ୟସ୍ତରୀୟ ଓଡିଶା ଦିବସ ପାଳିତ



ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଇତିହାସ ତ୍ୟାଗ, ବୀରତ୍ୱ ଏବଂ ଗୌରବୋଜ୍ଜ୍ୱଳ କାହାଣୀରେ ପରିପୂର୍ଣ୍ଣ। ଓଡ଼ିଶାର ଇତିହାସ ସବୁବେଳେ ଆମକୁ ଆଗକୁ ବଢିବା ପାଇଁ ପ୍ରେରଣା ଯୋଗାଇ ଆସିଛି। ଯେତେବେଳେ ଭାରତର ଅନ୍ୟ ଅଂଚଳରେ ଭାଷା ଭିତ୍ତିରେ ରାଜ୍ୟଗଠନ କଥା ଚିନ୍ତା କରି ନଥିଲେ ସେତବେଳେ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଗଢି ତୋଳିବାକୁ ଓଡ଼ିଆ (ପୃଷ୍ଠା-୭)

# ରଥଯାତ୍ରାକୁ ମିଳିଲା ୟୁନେସ୍କୋ ମାନ୍ୟତା



**ପୁରୀ:** ମହାପ୍ରଭୁଙ୍କ ରଥଯାତ୍ରାକୁ ୟୁନେସ୍କୋ ଦ୍ୱାରା ବୈଶ୍ୱିକ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ ନେଇ ପ୍ରଥମ ସୋପାନ ସଫଳତା ମିଳିଛି । ମାନ୍ୟତା ସକାଶେ ପ୍ରଥମେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧିନସ୍ଥ ସଙ୍ଗୀତ ନାଟକ ଏକାଡେମୀର ଜାତୀୟ ଐତିହ୍ୟ ତାଲିକାଭୁକ୍ତ ହେବାକୁ ପଡୁଥିବା ବେଳେ ଆଜି ବିଧିବଦ୍ଧ ଭାବେ ଏହି ତାଲିକାଭୁକ୍ତ ହୋଇଛି ରଥଯାତ୍ରା । ଆବେଦନ ଶେଷ ତାରିଖ ମାର୍ଚ୍ଚ ୩୧ ତାରିଖ ଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଠିକଣା ସମୟରେ ନାମାଙ୍କନ (ପୃଷ୍ଠା-୭)

# ଉତ୍କଳ ଦିବସର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍କଳ ଦିବସ ଉପଲକ୍ଷେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଓଡ଼ିଶାର ଇତିହାସ, ସାହିତ୍ୟ ଓ ସଂଗୀତକୁ ନେଇ ଭାରତ ଗର୍ବିତ। କେନ୍ଦ୍ର ଏବଂ ଓଡ଼ିଶା ସରକାର ରାଜ୍ୟର ଆହୁରି ପ୍ରଗତି ପାଇଁ ବ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି। ଏକ୍ସ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି: "ଉତ୍କଳ ଦିବସରେ ହାର୍ଦ୍ଦିକ ଶୁଭେଚ୍ଛା ! ଏହି ଦିବସ ଓଡ଼ିଶାର ସମୃଦ୍ଧ ସଂସ୍କୃତି ପ୍ରତି ଏକ (ପୃଷ୍ଠା-୭)

# ଭାରତର ଅମର ସଂସ୍କୃତିର ବଟବୃକ୍ଷ ଆରଏସ୍ଏସ୍: ମୋଦି







**ନାଗପୁର:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍) ଭାରତର ଅମର ସଂସ୍କୃତି ଓ ଆଧୁନିକୀକରଣର ବଟବୃକ୍ଷ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆଜି ନାଗପୁରରେ ମାଧବ ନେତ୍ରାଳୟ ଚକ୍ଷୁ ପ୍ରତିଷ୍ଠାନ ଓ ଗବେଷଣା କେନ୍ଦ୍ରର ନୂତନ ସମ୍ପ୍ରସାରଣ କୋଠା ମାଧବ ନେତ୍ରାଳୟ ପ୍ରିମିୟମ ସେଣ୍ଟରର ଶିଳାନ୍ୟାସ କରିବା ପରେ ମୋଦୀ ଏହା କହିଛନ୍ତି। ଆରଏସ୍ଏସ୍‌ର ସ୍ୱେଚ୍ଛାସେବୀମାନେ ଦେଶର ବିଭିନ୍ନ କ୍ଷେତ୍ରରେ ନିଃସ୍ୱାର୍ଥପର ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ସମଗ୍ର ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବାକୁ ଅହରହ ପ୍ରୟାସ ଜାରି ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସ୍ୱର୍ଗତ ଆରଏସ୍ଏସ୍ ମୁଖ୍ୟ ମାଧବରାଓ ସଦାଶିବରାଓ ଗୋଲୱାଲକରଙ୍କ ସ୍ମୃତିରେ ୨୦୧୪ ମସିହାରେ ମାଧବ ନେତ୍ରାଳୟ ପ୍ରତିଷ୍ଠା କରାଯାଇଥିଲା । ଗରିବରୁ ଗରିବ ଲୋକଙ୍କୁ ସର୍ବୋତ୍ତମ ଚିକିତ୍ସା ସୁନିଶ୍ଚିତ କରିବା ସରକାରଙ୍କ ନୀତି ବୋଲି ଏହି ଅବସରରେ ମୋଦୀ କର ବିଜ୍ଞାନ ପ୍ରତିଷ୍ଠାନ କାଳରେ ଅଖିଳ ଭାରତୀୟ (ଏମ୍ସ)ର ସଂଖ୍ୟା ତିନି ଗୁଣ ବୃଦ୍ଧି ପାଇଛି ବୋଲି ମୋଦୀ କହିଛନ୍ତି। ଲୋକଙ୍କୁ ଅଧିକରୁ ଅଧିକ ଉତ୍ତମ ଡାକ୍ତର ଯୋଗାଇଦେବା ପାଇଁ ଆମ ସରକାର ପ୍ରୟାସ କରୁଛନ୍ତି। ଆୟୁଷ୍ମାନ ଭାରତ ଯୋଜନା ଯୋଗୁଁ କୋଟି କୋଟି ଲୋକ ମାଗଣାଚିକିତ୍ସା ପାଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆରଏସ୍ଏସ୍ ମୁଖ୍ୟ ମୋହନ ଭାଗବତ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ହେବା ପରେ ନରେନ୍ଦ୍ର ମୋଦୀ ପ୍ରଥମ ଥର ପାଇଁ ଆଜି ନାଗପୁରସ୍ଥିତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମୁଖ୍ୟାଳୟ ପରିଦର୍ଶନ କରିଛନ୍ତି। କୌଣସି ପ୍ରଧାନମନ୍ତ୍ରୀଙ୍କ ଏହା ହେଉଛି ପ୍ରଥମ ଗସ୍ତ। ପ୍ରଧାନମନ୍ତ୍ରୀଙ୍କୁ ନେଇ ଆର୍ଏସ୍ଏସ୍ କହିଛି ଯେ ଭାରତୀୟ ଜନତା ପାର୍ଟି (ବିଜେପି) ସହ କୌଣସି ମତଭେଦ ନାହିଁ। ମୋଦୀଙ୍କ ଗସ୍ତକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ (ପୃଷ୍ଠା-୭)

# ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ସ୍କୁଲରେ ଖଡିଛୁଆଁ ଓ ନାମଲେଖା ପ୍ରକ୍ରିୟା ଆରମ୍ଭ



**ଭୁବନେଶ୍ୱର:** ଏପ୍ରିଲ୍ ୨ତାରିଖ ବୁଧବାର ଓଡ଼ିଶାର ସମସ୍ତ ବିଦ୍ୟାଳୟରେ ଶିଶୁମାନଙ୍କର ଖଡି ଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ବଡ଼ଗଡ଼ ହାଇସ୍କୁଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୁନିକୁନି ପିଲାଙ୍କୁ ଖଡ଼ି ଛୁଆଁଇଥିବା ଦେଖିବାକୁ ମିଳିଛି। ଏହା ସହିତ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ପିଲାଙ୍କ ସହିତ କଥାବାର୍ତ୍ତା କରିଥିଲେ। ସେ ପିଲାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏହା ସହିତ ପିଲାଙ୍କୁ ମୁଖ୍ୟମନ୍ତ୍ରୀ ନିଜେ ମଧ୍ୟାହ୍ନ ଭୋଜନ ଖାଇବା ଲାଗି ବାଢ଼ିଥିଲେ। ଏହା ସହ ମୁଖ୍ୟମନ୍ତ୍ରୀ ଖଡିଛୁଆଁ କାର୍ଯ୍ୟକ୍ରମ ପୂର୍ବରୁ ତାଙ୍କ ସୋସିଆଲ ଆକାଉଣ୍ଟରେ କହିଛନ୍ତି। ପିଲାମାନଙ୍କୁ ସର୍ବୋତ୍ତମ ଏବଂ ଗୁଣାତ୍ମକ ଶିକ୍ଷା ମିଳିବ । ଛୋଟ ପିଲାଙ୍କ ଶୈଶବ ଶିକ୍ଷା (ପୃଷ୍ଠା-୭)

## ଦିଲ୍ଲୀଠାରେ ଓଡ଼ିଶା ଦିବସ ସମାରୋହ ଅନୁଷ୍ଠିତ

# ଆଗାମୀ ଦଶନ୍ଧି ଓଡ଼ିଶାର: ମୁଖ୍ୟମନ୍ତ୍ରୀ | ଓଡ଼ିଶା ପର୍ବ ଆୟୋଜନ କରିବେ ଦିଲ୍ଲୀ ସରକାର: ଦିଲ୍ଲୀ ମୁଖ୍ୟମନ୍ତ୍ରୀ

### ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହେଲା ସମାରୋହ ସ୍ଥଳ







**ନୂଆଦିଲ୍ଲୀ:** କେନ୍ଦ୍ର ରେଳ, ସୂଚନା ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଆୟୋଜିତ ଓଡ଼ିଶା ଦିବସ ସମାରୋହକୁ ସମ୍ବୋଧିତ କରିଛନ୍ତି । ସମସ୍ତଙ୍କୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବର୍ଷ ପୂର୍ତ୍ତି ଅବସରରେ ଶୁଭେଚ୍ଛା ଜଣାଇ କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶା ବିକାଶର ଗତି ତ୍ୱରାନ୍ୱିତ ହୋଇଛି । ଡବଲ ଇଞ୍ଜିନ ସରକାର ଆସିବା ପରେ ରାଜ୍ୟର ପ୍ରଗତି ଆହୁରି ଗତିଶୀଳ ହେଉଛି । ରାଜ୍ୟକୁ ମିଳୁଥିବା ରେଳ ଅନୁଦାନ ଚାରି ଗୁଣ ବୃଦ୍ଧି ପାଇଛି । ବିଗତ ତିନି ବର୍ଷ ଧରି ମୋଦୀ ସରକାର ଓଡ଼ିଶାକୁ ୧୦ ହଜାର କୋଟିରୁ ଅଧିକ ଟଙ୍କା ଲେଖାଏଁ ରେଳ ଅନୁଦାନ ଯୋଗାଇ ଦେଇଛନ୍ତି ।କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ବିକାଶଧାରାକୁ ତ୍ୱରାନ୍ୱିତ କରିବା ଲାଗି ପ୍ରାଥମିକତା ଦେଉଛନ୍ତି । ପୂର୍ବରୁ ରାଜ୍ୟର ବିକାଶ ଅତି ମନ୍ଥର ଗତିରେ ହେଉଥିଲା। ଏବେ କିନ୍ତୁ ବନ୍ଦେ ଭାରତ ବେଗରେ ଓଡ଼ିଶାର ବିକାଶ ହେଉଛି । ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ଦୁଇ ହଜାର କିଲୋମିଟର ନୂଆ ରେଳ ଟ୍ରାକ୍ ନିର୍ମାଣ କରାଯାଇଛି । ମାଲେସିଆ ଭଳି ଦେଶର ମୋଟ୍ ରେଳ ନେଟୱର୍କର ଆକାର ଯେତିକି ତା'ଠାରୁ ଅଧିକ ରେଳ ଟ୍ରାକ୍ ଓଡ଼ିଶାରେ ନିର୍ମାଣ କରାଯାଇଛି ବୋଲି କେନ୍ଦ୍ର ରେଳ ମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଓଡ଼ିଶାକୁ ୭୩ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ଭେଟି ଦେଇଛନ୍ତି । ଏହାକୁ ୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି । ରାଜ୍ୟରେ ଆହୁରି ଅଧିକ ବନ୍ଦେ ଭାରତ ଟ୍ରେନ ଚଳାଚଳ କରାଯିବ। ତୃତୀୟ କାର୍ଯ୍ୟକାଳରେ ରାଜ୍ୟର ତିନି ଗୁଣ ଅଧିକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ଶ୍ରୀ ବୈଷ୍ଣବ କହିଥିଲେ। କେନ୍ଦ୍ର ମନ୍ତ୍ରୀ ଆହୁରି କହିଥିଲେ, ରାଜ୍ୟକୁ ଆଇଟି ଉଦ୍ୟୋଗର କେନ୍ଦ୍ରସ୍ଥଳୀରେ ପରିଣତ କରିବା ଲାଗି ଯୋଜନା କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି । ଭୁବନେଶ୍ୱର ରେଳ ଷ୍ଟେସନରେ ନିର୍ମାଣାଧୀନ ଅଟ୍ଟାଳିକାର ପ୍ରଥମ ଚାରିଟି ମହଲାକୁ ରେଳବାଇ କାର୍ଯ୍ୟରେ ଉପଯୋଗ କରାଯିବ । ପଞ୍ଚମରୁ ଏକାଦଶ ମହଲାକୁ ଆଇଟି ଉଦ୍ୟୋଗକୁ ସମର୍ପିତ କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ




ପୁରୀ: ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ଓସ୍ୱାନ ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଆବାସିକ କାର୍ଯ୍ୟାଳୟ ରୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରି ଗ୍ରୀଷ୍ମପ୍ରବାହ ର ମୁକାବିଲା ପାଇଁ ସମସ୍ତ ବିଭାଗ ବିଗତ ବର୍ଷ ମାନଙ୍କ ପରି ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ଜନସାଧାରଣ ଙ୍କୁ ସତର୍କ ଓ ସଚେତନ କରିବା ସହ ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ, ଶ୍ରମ, ପରିବହନ, ପଶୁ ସମ୍ପଦ, କୃଷି ଇତ୍ୟାଦି ବିଭାଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।ସରକାର ଓ ଏସ ଆର ସି ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା କୁ ସଠିକ ଭାବେ ଅନୁପାଳନ କରିବା, ପ୍ରତ୍ୟେକ ଚିକିତ୍ସାଳୟରେ ଅଂଶୁଘାତ ଚିକିତ୍ସା ବ୍ୟବସ୍ଥା ରଖିବା,ସମସ୍ତ ନଳକୂପ ମରାମତି,ଜଳଛତ୍ର ବ୍ୟବସ୍ଥା କରିବା, ପଶୁ ପକ୍ଷୀ ମାନଙ୍କ ପାଇଁ ପାନୀୟ ଜଳ ପାତ୍ର ବ୍ୟବସ୍ଥା, ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ର, ଯାତ୍ରୀ ପରିବହନ ଗାଡ଼ି ଓ ଶ୍ରମିକ ମାନଙ୍କ ପାଇଁ ଧାର୍ଯ୍ୟ ସମୟ ନିର୍ଘଣ୍ଟ କୁ ଅନୁପାଳନ କରିବାକୁ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ।ପଶୁ ପକ୍ଷୀ ମାନଙ୍କ ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ଘର ନିକଟରେ, ଛାତରେ ପାଣି ରଖିବା ବ୍ୟବସ୍ଥା କରିବା, ଖରାରେ ବାହାରକୁ ନ ବାହାରିବା, ଅତ୍ୟାବଶ୍ୟକ କ୍ଷେତ୍ରରେ ବାହାରକୁ ଯାଉଥିଲେ ପ୍ରଚୁର ପାଣି,ଦହି, ଲେମ୍ବୁ ପାଣି ଇତ୍ୟାଦି ପିଇବା ଓ ସାଥିରେ ନେବା, କଳା ଚଷମା, ଟୋପି ଇତ୍ୟାଦି ବ୍ୟବହାର କରିବା, ଅଂଶୁଘାତ ର ଲକ୍ଷଣ ଦେଖା ଦେଲେ ତୁରନ୍ତ ଚିକିତ୍ସିତ ହେବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ଶ୍ରମ ବିଭାଗ ପକ୍ଷରୁ ଦିବା ୧୧ ରୁ ଅପରାହ୍ନ ୩.୩୦ ମିନିଟ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବା, କାର୍ଯ୍ୟ କ୍ଷେତ୍ରରେ ଛାଇର ବ୍ୟବସ୍ଥା କରିବା, ପାନୀୟ ଜଳ ବ୍ୟବସ୍ଥା କରିବା, ଓଆରଏସ ରଖିବା ଓ ଶ୍ରମିକ ମାନଙ୍କୁ ସଚେତନ କରାଇବା, ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଗୁଡିକ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ପରିଚାଳିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ପ୍ରୋଟୋକଲ ନୀଳମାଧବ ଭୋଇ,ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।ଜିଲ୍ଲା ଜରୁରୀ ବିଭାଗ ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ଗ୍ରୀଷ୍ମ ପ୍ରବାହ ର ଆକ୍ସନ ପ୍ଲାନ ଅନୁସାରେ ମୁକାବିଲା ପାଇଁ ଅନୁରୋଧ କରିଥିଲେ। ଆଭାସୀ ମାଧ୍ୟମରେ ପ୍ରତ୍ୟେକ ବ୍ଲକରେ ବିଡ଼ିଓ, ତହସିଲଦାର, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଅନ୍ୟାନ୍ୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ଅନୁଷ୍ଠିତ



ପୁରୀ : ଗ୍ରାମୀଣ ମହିଳାମାନଙ୍କୁ ଅର୍ଥନୈତିକ ସ୍ୱାଧୀନତା ଏବଂ ଉଦ୍ୟୋଗ ମାଧ୍ୟମରେ ସଶକ୍ତ କରିବା ,ବିଭିନ୍ନ ଜୀବିକା ସମ୍ପର୍କରେ କୌଶଳ ବୃଦ୍ଧି ସହ ମହିଳା ସଶକ୍ତିକରଣ କରି 'ଲକ୍ଷପତି ଦିଦି ' ସୃଷ୍ଟି କରିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକ ମହତ ଯୋଜନା ଓ ଅଭିଯାନ। ଏହି ପରିପେକ୍ଷୀରେ ସ୍ଥାନୀୟ ତାଳବଣିଆ ଜିଲ୍ଲା ପଡିଆ ଠାରେ ଓଡିଶା ଜୀବିକା ମିଶନ ସୌଜନ୍ୟରୁ ଜିଲ୍ଲା ସ୍ତରୀୟ କର୍ମଶାଳା ଲକ୍ଷପତି ଦିଦି ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି କର୍ମଶାଳାରେ ଅଧ୍ୟକ୍ଷତା ଦୃଢ଼ ମନୋବଳ ଥିବା ମହିଳା ସଶକ୍ତିକରଣର ଏକ ସୁନ୍ଦର ଉଦାହରଣ ବୋଲି କହିଥିଲେ। ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ, ସଦର ବିଡ଼ିଓ ସମ୍ବିତ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ନିଜର ଦକ୍ଷତା ଓ ପ୍ରଦର୍ଶନ ବଳରେ ଆଗାମୀ ଦିନରେ ଜିଲ୍ଲାରେ ଅଧିକ ଲକ୍ଷପତି ଦିଦି ସୃଷ୍ଟି ହେବେ ବୋଲି ସେମାନେ ଆଶା ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ପ୍ରକଳ୍ପ ପରିଚାଳକ ଅଜୟ କୁମାର ନାୟକ କର୍ମଶାଳା ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପୁରୀ ଜିଲ୍ଲାରେ ୧୧ ଟି ବ୍ଲକରେ ୭୨୨୬୮ ଲକ୍ଷପତି ଦିଦି ସୃଷ୍ଟିର ଧାର୍ଯ୍ୟ ଲକ୍ଷ୍ୟ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୭୦୦ ଲକ୍ଷପତି ଦିଦି ତିଆରି ହୋଇଛନ୍ତି ବୋଲି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୂଚନା ଦେଇଥିଲେ। ଯେଉଁମାନଙ୍କ ନିଜସ୍ୱ ବାର୍ଷିକ ଆୟ ୧,୦୦,୦୦୦ ଟଙ୍କାରୁ ଉର୍ଦ୍ଧ ଅଟେ। ଯେଉଁ ଏସଏଚଜି ସଭ୍ୟା ମାନଙ୍କର ବାର୍ଷିକ ଆୟ ୧ ଲକ୍ଷ ରୁ ଅଧିକ କିମ୍ବା ଅତିକମ ରେ ୪ଗୋଟି କୃଷି ବା ବ୍ୟବସାୟ ଚକ୍ରରୁ ହାରାହାରି ମାସିକ ଆୟ ୧୦,୦୦୦/- ଟଙ୍କାରୁ ଅଧିକ ହୋଇଥିବା ତାକୁ ଲକ୍ଷ ପତି ଦିଦି କୁହାଯିବ। ବିଭିନ୍ନ ପ୍ରକାର ବ୍ୟବସାୟ,କୃଷି ଯେଭଳି କିରାନା ଦୋକାନ,ମକା ଚାଷ, ଗାଈ,ଛେଳି, ମେଣ୍ଢା ,କୁକୁଡା ପାଳନ, ବ୍ୟୁଟି ପାର୍ଲର, ସିଲେଇ,ଛତୁ ଚାଷ ପରି ଅନେକ ବୃତ୍ତିରେ ଜୀବିକା ନିର୍ବାହ କରି ସଫଳ ହୋଇଥିବା ଲକ୍ଷପତି ଦିଦି ନିଜ ନିଜର ଜୀବିକା ଅର୍ଜନ, ଓ ଉଦ୍ୟମକୁ ସମସ୍ତଙ୍କ ସାମ୍ନାରେ ରଖିଲେ ଓ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୀ ଜିଲ୍ଲାରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ




ପୁରୀ: ସଶକ୍ତ ସମବାୟ, ସୁଦୃଢ ସମାଜ ଓ ସମୃଦ୍ଧ ଜୀବନ ର ବାର୍ତ୍ତା ନେଇ ଆଜି ପୂର୍ବାହ୍ନରେ ସଂସ୍କୃତି ଭବନରେ ଆୟୋଜିତ ହୋଇଥିଲା ଆନ୍ତର୍ଜାତିକ ସମବାୟ ବର୍ଷ।ପୁରୀ ଜିଲ୍ଲା ସ୍ତରୀୟ ଏହି ଉତ୍ସବ କୁ ଉଦଘାଟନ କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ସମାଜ କୁ ସୁଦୃଢ ଓ ଆର୍ଥିକ ସମୃଦ୍ଧ କରିବାରେ ସମବାୟ ର ଭୂମିକା ଗୁରୁତ୍ୱପୂର୍ଣ୍ଣ।ବର୍ତ୍ତମାନ ସମବାୟ ଏକ ଜନ ଆନ୍ଦୋଳନ ରେ ପରିଣତ ହୋଇ ଆର୍ଥିକ ଅଭିବୃଦ୍ଧି ରେ ସହାୟକ ସହ ପରିବାର ମୁହଁରେ ହସ ଫୁଟାଇଛି।ଚଳିତ ବର୍ଷ ର ଥିମ ଭାବରେ ମହିଳା ମାନଙ୍କୁ ସମବାୟ ର ସହାୟତା ଏକ ବଡ ଉପଲବ୍ଧି।ଏହାକୁ ସମସ୍ତ ଙ୍କ ସହଯୋଗ ରେ ସଫଳ କରିବା ସହ ସମବାୟ ସହଯୋଗ ରେ ସମୃଦ୍ଧ ହେବା ବୋଲି ସେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ, ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଶରତ କୁମାର ବେହେରା, ଏଆରସିଏସ ସନାତନ ବେହେରା, ଏସିଏସଓ ରୀନା ସରୀତା,ପୁରୀ ନିମାପଡା କୋଅପରେଟିଭ ବ୍ୟାଙ୍କ ସିଇଓ ବନଶ୍ରୀ ମଲ୍ଲିକ, ଡେପୁଟି ଏଜିସିଏସ ଅକ୍ଷୟ କୁମାର ଦଳାଇ ପ୍ରମୁଖ ଯୋଗ ଦେଇ ସମବାୟ ସହଯୋଗ, ସମନ୍ୱୟ ଓ ସହଭାଗିତାର ବନ୍ଧନ।ଏହା ମାଧ୍ୟମରେ ଆମ ଅର୍ଥନୀତି ମଜବୁତ ହୋଇ ପାରିବ ବୋଲି କହିଥିଲେ। ଏଥିରେ ଅଧ୍ୟକ୍ଷତା କରି ଡିଆରସିଏସ ସୁନିତା ପତି ସମସ୍ତଙ୍କୁ ସ୍ୱାଗତ କରିବା ସହ ସମବାୟ ବର୍ଷ ପାଳନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।କୃଷି ସମବାୟ ସମିତି ଗଠନ, ଲାମ୍ପସ ଓ ପ୍ୟାକସ ମାଧ୍ୟମରେ କୃଷି ଋଣ ପ୍ରଦାନ, ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ଖୋଲିବା ବ୍ୟବସ୍ଥା ହୋଇଛି ବୋଲି କହିଥିଲେ।

# ବିଦ୍ୟାଳୟରେ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ

ପୁରୀ: ସତ୍ୟବାଦୀ ବ୍ଲକର ନୂଆ ସୋମେଶ୍ୱର ପୁର ଉଚ୍ଚ ବିଦ୍ୟାଳୟରେ ୭ ଜଣ ବରପୁତ୍ର ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଶିକ୍ଷାବିତ ତଥା ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାଶଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବ ରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳ ମଣି ଗୋପବନ୍ଧୁ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ,ବାରିଷ୍ଟର ବିଶ୍ୱନାଥ ମିଶ୍ର,ଜୟୀ ରାଜଗୁରୁ, ହରିହର ମର୍ଦ୍ଦରାଜ ଓ ଫକୀର ମୋହନ ସେନାପତି ଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଉଦଘାଟିତ ହୋଇଥିଲା। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଶ୍ୱ ବିକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପ୍ରତିମୂର୍ତ୍ତି ସ୍ଥାପନ ରେ ସହଯୋଗ କରିଥିବା ବ୍ୟକ୍ତି ବିଶେଷ ଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ।

# ଓଡିଶା ଦିବସରେ ବରପୁତ୍ର ଙ୍କୁ ମାଲ୍ୟାର୍ପଣ



ପୁରୀ: ପୁରୀ ଜିଲ୍ଲା ସ୍ତରୀୟ ୯୦ ତମ ଓଡିଶା ଦିବସ ପାଳନ ଅବସରରେ ବରପୁତ୍ର ମାନଙ୍କୁ ମାଲ୍ୟାର୍ପଣ କରାଯାଇଥିଲା।ସିଂହଦ୍ୱାର ସ୍ଥିତ ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଙ୍କ ପ୍ରତିମୂର୍ତ୍ତି ରେ ଜିଲ୍ଲା ପ୍ରଶାସନ, ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଙ୍କ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡଃ ଶରତ ଚନ୍ଦ୍ର ବେହେରା,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା,ଭାରତୀୟ ଜନତା ପାର୍ଟି ର ଜିଲ୍ଲା ସଭାପତି ଡା ଦେବେନ୍ଦ୍ର ନାଥ ତରାଇ,ସମ୍ପାଦକ ଉମା କାନ୍ତ ନାୟକ, ସର୍ବୋଦୟ ମେଳା ସମିତି ସମ୍ପାଦକ ଶିବ ପ୍ରସାଦ ମିଶ୍ର, ବରିଷ୍ଠ ପତ୍ରକାର ଜଗନ୍ନାଥ ବସ୍ତିଆ,ପୂର୍ବତନ ଲୋକ ସମ୍ପର୍କ ଅଧିକାରୀ ମାୟାଧର ମହାରଣା, ଅନାମ ସାହୁ, ଶିବ ସୁନ୍ଦର ମିଶ୍ର ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ମାଲ୍ୟାର୍ପଣ କରିବା ସହ ବରପୁତ୍ର ମାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ।ସହର ର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା।

# ଗାନ୍ଧୀ ସ୍ମୃତି ପୀଠ ବେରବୋଇଠାରେ ଗାନ୍ଧୀ ଫଟୋ ଚିତ୍ର ପ୍ରଦର୍ଶନୀ



ପୁରୀ: ଜାତିର ଜନକ ମହାତ୍ମାଗାନ୍ଧୀ ୧୯୩୮ ମସିହାରେ ଡେଲାଙ୍ଗ ବ୍ଲକ ବେରବୋଇ ଠାରେ ମାର୍ଚ୍ଚ ୨୫ ରୁ ୩୧ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ କରିଥିଲେ।ସେହି ସ୍ମୃତି କୁ ଉଦଜୀବିତ କରି ପ୍ରତି ବର୍ଷ ଗାନ୍ଧୀ ସ୍ମାରକୀ ସମିତି ପକ୍ଷରୁ ବେରବୋଇ ଗାନ୍ଧୀ ସ୍ମୃତି ପୀଠ ଠାରେ ଗାନ୍ଧୀ ସେବା ସଂଘ ସ୍ମାରକୀ ସମାରୋହ ପାଳିତ ହୋଇଥାଏ।ଆଜି ପୂର୍ବାହ୍ନରେ ଏହି ସମାରୋହକୁ ବିଶିଷ୍ଟ ଗାନ୍ଧୀବାଦି ପ୍ରହଲ୍ଲାଦ କୁମାର ସିଂ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇଥିଲେ।ସମିତି ର ସଭାପତି କୁନ୍ତଳା କୁମାରୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସ୍ତମ୍ଭକାର ତଥା ଲେଖକ ଗୌରାଙ୍ଗ ଚରଣ ପରିଡା,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।ଗାନ୍ଧୀଙ୍କ ଜୀବନୀ,ଆଦର୍ଶ ଓ କର୍ମ ପ୍ରବଣତା ଚିର ଅମର।ଯୁଗ ପରେ ଯୁଗ ଏହା ମାନବ ଜାତିକୁ ପ୍ରେରଣା ଦେଉଥିବ ବୋଲି ଅତିଥି ମାନେ ମତ ଦେଇଥିଲେ।ଗାନ୍ଧୀ ସ୍ମୃତି ପୀଠ ର ବିକାଶ ସହ ଏହାକୁ ଏକ ପର୍ଯ୍ୟଟନ ସ୍ଥଳ କରିବାର ବ୍ୟବସ୍ଥା କରାଯାଉଛି ବୋଲି ବିଧାୟକ ଶ୍ରୀ ପଟ୍ଟନାୟକ ସୂଚନା ଦେଇଥିଲେ।ଅତିଥି ମାନେ ଗୌରାଙ୍ଗ ପରିଡାଙ୍କ ରଚିତ ପୁସ୍ତକ ଗାନ୍ଧୀ ଗପ ଶତକକୁ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ସମିତିର ସମ୍ପାଦକ ଚନ୍ଦ୍ର ଶେଖର ବିଶ୍ୱାଳ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ଓ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ।ଶେଷରେ ସଦସ୍ୟ ଶଶାଙ୍କ ଚୁଡାମଣି ଧନ୍ୟବାଦ ଅର୍ପଣ କରିଥିଲେ।ପ୍ରାରମ୍ଭରେ ଅତିଥି ମାନେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରୁ ମାଲ୍ୟାର୍ପଣ କରିଥିଲେ।ଏହି ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଗାନ୍ଧୀଙ୍କ ଫଟୋଚିତ୍ର ପ୍ରଦର୍ଶନୀ ର ଆୟୋଜନ କରାଯାଇଥିଲା।

# ସ୍ୱର୍ଗଦ୍ୱାରରେ ଡା ଦେବେନ୍ଦ୍ର ପ୍ରଧାନଙ୍କ ଶେଷକୃତ୍ୟ ସମ୍ପନ୍ନ

ପୁରୀ: ସ୍ୱର୍ଗଦ୍ୱାର ରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଡା ଦେବେନ୍ଦ୍ର ପ୍ରଧାନ ଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦା ର ସହ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି।ସ୍ୱର୍ଗତ ପ୍ରଧାନ ଙ୍କ ଙ୍କ ବଡ ପୁଅ ସୌମେନ୍ଦ୍ର ପ୍ରଧାନ ମୁଖାଗ୍ନି ଦେଇଥିବା ବେଳେ ସାନ ପୁଅ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।ପରିବାରର ଅନ୍ୟ ସଦସ୍ୟ ମାନେ ମଧ୍ୟଶେଷକୃତ୍ୟରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର,ପୁରୀ ସାଂସଦ ଡା ସମ୍ବିତ ପାତ୍ର, ଢେଙ୍କାନାଳ ସାଂସଦ ରୁଦ୍ର ପାଣି, ଯୋଗ ଗୁରୁ ବାବା ରାମଦେବ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ସାଂସଦ, ବିଧାୟକ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡା ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ , ପିକେଡିଏର ସଚିବ , ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧ୍ୱ ମାଝୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଆଇନଜୀବୀ ସଂଘ କର୍ମକର୍ତ୍ତା ନିର୍ବାଚନ

# ପ୍ରେମାନନ୍ଦ ସଭାପତି, ଶରତ ସାଧାରଣ ସଂପାଦକ



ପୁରୀ: ପୁରୀ ଆଇନଜୀବୀ ସଂଘର ନୂତନ ସଭାପତି ଭାବେ ପ୍ରେମାନନ୍ଦ ମହାନ୍ତି ଶନିବାର ନିର୍ବାଚିତ ହୋଇଛନ୍ତି। ପ୍ରତିଦ୍ୱନ୍ଦୀ ସାରଦା ପ୍ରସାଦ ସାମଲଙ୍କୁ ସେ ପ୍ରାୟ ୧୬୦ ଭୋଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ଶରତ କୁମାର ରାୟଗୁରୁ ନିର୍ବାଚିତ ହୋଇଛନ୍ତି। ରମେଶ ଚନ୍ଦ୍ର ପ୍ରଧାନ ଏବଂ ନରେଶ ମହାନ୍ତିଙ୍କ ସହ ତାଙ୍କର କଡ଼ା ଟକ୍କର ହୋଇଥିଲା । ୨୯୮ ଭୋଟ ଅଧିକ ପାଇ ଶ୍ରୀ ରାୟଗୁରୁ ନିର୍ବାଚିତ ହୋଇଛନ୍ତି। ଉପ ସଭାପତିଭାବେ ଦେବଦତ୍ତ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ପ୍ରଦୀପ୍ତ କୁମାର ରଥ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ଦିନ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। ୧୦୬୫ ଆଇନଜୀବୀ ମତଦାନ କରିଥିଲେ। ସନ୍ଧ୍ୟାରେ ଭୋଟ ଗଣତି କରାଯାଇ ନୂତନ ସଭାପତି ଏବଂ ସମ୍ପାଦକଙ୍କ ନାମ ଘୋଷଣା କରାଯାଇଛି। ନବ ନିର୍ବାଚିତ ସଭାପତି ଏବଂ ସାଧାରଣ ସମ୍ପାଦକଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଛି। ଆଇନଜୀବୀ ରମେଶ ପ୍ରସାଦ ସିଂହ, ମିନାକ୍ଷୀ ପଣ୍ଡା, ମୋହନ ଜେନା, ସୁଧାଂଶୁ ମିଶ୍ର ପ୍ରମୁଖ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ: ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ୯୪ ଗୋଟି ଅଭିଯୋଗ ମିଳିଥିଲା। ଏଥିରେ ବ୍ୟକ୍ତିଗତ ଅଭିଯୋଗ ୭୦ ଗୋଟି, ଗ୍ରାମ ଅଭିଯୋଗ ୨୦ ଗୋଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତନ୍ମଧ୍ୟରୁ ୨୮ ଗୋଟିର ତୁରନ୍ତ ସମାଧାନ କରାଯାଇଥିଲା।ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି।

# ପୁରୀରେ ତ୍ରି-ଦିବସୀୟ ବିଶ୍ୱ ସଂସ୍କୃତ ସମ୍ମେଳନ ଅନୁଷ୍ଠିତ




ପୁରୀ: ଲୋକଭାଷା ପ୍ରଚାର ସମିତି, ଭାରତ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ସଦାଶିବ ପରିସର, ପୁରୀ ଆନୁକୂଲ୍ୟରେ ତ୍ରି-ଦିବସୀୟ ବିଶ୍ୱ ସଂସ୍କୃତ ସମ୍ମେଳନେ କେରଳସ୍ଥ ମାତା-ଅମୃତାନନ୍ଦମୟୀ ଆଶ୍ରମର ପୂଜ୍ୟା ସ୍ୱାମିନୀ ସୁବିଧାମୃତପ୍ରାଣାଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି। ଏହି ଉଦ୍‌ଘାଟନୀ ମସମାରୋହର ଅଧ୍ୟକ୍ଷତା କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲିର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ି କରିଥିବା ବେଳେ ବିଶିଷ୍ଟ ଅତିଥି ଭାବେ ପୁରୀ, ଲୋକସଭା ସାଂସଦ ଡକ୍ଟର ସମ୍ବିତ ପାତ୍ର, ମୁଖ୍ୟ ବକ୍ତାଭାବେ ଚିନ୍ମୟା ବିଶ୍ୱବିଦ୍ୟାଳୟ, କରେଳର ପ୍ରାକ୍ତନ ପ୍ରଫେସର ବି. ମହାଦେବନ୍, ସମ୍ମାନିତ ଅତିଥିଭାବେ ଦାମୋଦର ଗୌଡ଼ୀୟ ମଠର ମଠାଧୀଶ ପୂଜ୍ୟ ଶ୍ରୀପାଦଭକ୍ତବେଦାନ୍ତମୋଧାୟନ ମହାରାଜ ଏବଂ ରାୟପୁର, ଛତିଶଗଡ଼ର ମାନ୍ୟଓ୍ୱର ବିଧାୟକ ପୁରନ୍ଦର ମିଶ୍ର ଏବଂ ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରରଙ୍କର ଅପର ସଚିବ ସୁନିଲ କୁମାର ବରନୱାଲ୍, ଓ ସାନ୍ନିଧ୍ୟମ ଭାବେ ପ୍ରାଚ୍ୟ ବିଦ୍ୟା ଶିକ୍ଷା ପ୍ରଶିକ୍ଷଣ ସଂଶୋଧନ ପ୍ରତିଷ୍ଠାନମ୍ କେରଳର ମହା ନିର୍ଦ୍ଦେଶକ ପ୍ର. ପି.ସି. ମୁରଲୀମାଧବ, କେଲାନିୟା ବିଶ୍ୱବିଦ୍ୟାଳୟ, ଶ୍ରୀଲଙ୍କାର ପ୍ରଫେସର ପୂଜ୍ୟ ବାଡ଼ିମଙ୍ଗଲ ପନ୍ନାଲୋକ, ବିଶ୍ୱ ସଂସ୍କୃତ ସମ୍ମେଳନର ଉପ ସଭାପତି ଆଚାର୍ଯ୍ୟ କାଶିନାଥ ନୌପାନେ ଉପସ୍ଥିତ ରହିଥିବା ବେଳେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଲୋକଭାଷା ପ୍ରଚାର ସମିତିର ରାଷ୍ଟ୍ରିୟାଧ୍ୟକ୍ଷ ଡକ୍ଟର ସଦାନନ୍ଦ ଦୀକ୍ଷିତ ଏବଂ ବିଷୟ ଉପସ୍ଥାପନ କରିଥିଲେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ସଦାଶିବ ପରିସର, ପୁରୀର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ପରେପରେ ଏହି ସମ୍ମେଳନରେ ବୈଷୟିକ ଅଧିବେଶନରେ ବିଶ୍ୱହିତାୟ ସଂସ୍କୃତମ୍, ଶୀର୍ଷକ ଆଲୋଚନା ଚକ୍ର ସହ ଆନ୍ତର୍ଜାତୀୟ ଚର୍ଚ୍ଚାସତ୍ତ୍ର ଅନୁଷ୍ଠିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମେଳନରେ ଆଚାର୍ଯ୍ୟ ଅରୁଣରାଜ ମିଶ୍ର, ପ୍ରଫେସର ଜୟଶଙ୍କର ଝା, ପ୍ରଫେସର ନରସିଂହ ଚରଣ ପଣ୍ଡା, ଆଚାର୍ଯ୍ୟ ସି.ଏଚ୍. ସତ୍ୟନାରାୟଣ, ଡକ୍ଟର ଗଗନଚନ୍ଦ୍ର ଦେ, ଆଚାର୍ଯ୍ୟ ବିଶ୍ୱନାଥ ମିଶ୍ର, ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ପାଢୀ, ପ୍ରଫେସରଗୋକୁଳେନ୍ଦ୍ର ନା, ଆଚାର୍ଯ୍ୟ ଦତ୍ତାତ୍ରେୟ ମୂର୍ତ୍ତି, ପ୍ର.ଗୌରପ୍ରିୟା ଦାଶ, ପ୍ର. ସଙ୍ଗିତା ଅର୍ଗୱାଲଙ୍କ ସମେତ ଶ୍ରୀ ସଦାଶିବ ପରିସରର ସମସ୍ତ ଅଧ୍ୟାପକ ଅଧ୍ୟାପିକାମାନେ ଅଂଶଗ୍ରହଣ କରିଥିଲେ ।

# ଦ୍ୱି-ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ




ଡିଜିଟାଲ୍ ଇଣ୍ଡିଆର ଏକ ଅଂଶ ଭାବେ ସମସ୍ତ କାର୍ଯ୍ୟାଳୟର କାର୍ଯ୍ୟକୁ କାଗଜ ମୁକ୍ତ କାର୍ଯ୍ୟ କରିବାର ଲକ୍ଷ୍ୟ ନେଇ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ସଦାଶିବ ପରିସର, ପୁରୀ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡିଙ୍କ ସଂରକ୍ଷଣ ଏବଂ ପରିସରର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସମର୍ଥ ମଡ୍ୟୁଲ୍ ଏବଂ ଇ-ଅଫିସ୍ ଶୀର୍ଷକ ଦ୍ୱି-ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧିବେସନରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ,କୁଳପତି ସଂସ୍କୃତି ବିଶ୍ୱବିଦ୍ୟାଳୟ , ଭୁବନେଶ୍ୱର ଓ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ,ପୁରୀ ଯୋଗ ଦେଇଥିବା ବେଳେ, ମୁଖ୍ୟ ବକ୍ତା ଭାବେ ଡକ୍ଟର ଅରୁଣ କୁମାର ଉପାଧ୍ୟାୟ, ଆଇ ପି ସ, ପୂର୍ବତାନ ପୋଲିସ ମହାନିର୍ଦ୍ଦେଶକ ଉପସ୍ଥିତ ରହି ସମର୍ଥ ମଡ୍ୟୁଲ ଓ ଇ. ଅଫିସର ଉପାଦେୟ ସମ୍ପର୍କରେ ଆଲୋକପାତ କରିଥିଲେ, ସୂଚନାଯୋଗ୍ୟଯେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବିଭିନ୍ନ ପରିସର ଏବଂ ଆଦର୍ଶ ମହାବିଦ୍ୟାଳୟର ଅଧିକାରୀଙ୍କ ସମେତ ଶ୍ରୀ ସଦାଶିବ ପରିସରର ଅଧିକାରୀଙ୍କୁ ମିଶାଇ ମୋଟ ୧୦୦ ଜଣ ଅଂଶଗ୍ରହଣକାରୀ ପ୍ରଶିକ୍ଷଣପ୍ରାପ୍ତ ହୋଇଥିଲେ, ଏହି କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର୍ ସୁଶାନ୍ତ କୁମାର ରାଜ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ଧନ୍ୟବାଦ ଅର୍ପଣ କରିଥିଲେ ମୁଖ୍ୟାଳୟ ରୁ ଆସିଥିବା ପରିଯୋଜନା ଅଧିକାରୀ ଡକ୍ଟର ଜୀତେନ୍ଦ୍ର କୁମାର ରାୟଗୁରୁ ଏବଂ ସଂଯୋଜନା କରିଥିଲେ ଡକ୍ଟର ବିଶ୍ୱନାଥ ମିଶ୍ର କ୍ଷ ମଞ୍ଚ ପରିଚାଳନା କରିଥିଲେ ସହ ସଂଯୋଜକ ପୂର୍ଣ୍ଣ ଚନ୍ଦ୍ର ମିଶ୍ର ଓ ବଭଙ୍କଭଷବଶ ଅଧିକାରୀ ଦେବୀ ପ୍ରସାଦ ଦାସମହାପାତ୍ର.

# କନ୍ୟା ସନ୍ତାନ ସୁରକ୍ଷା ସଚେତନତା ଶୋଭାଯାତ୍ରା



ପୁରୀ: କନ୍ୟା ସନ୍ତାନ ର ସୁରକ୍ଷା ଆମ ସମସ୍ତ ଙ୍କ ଦାୟିତ୍ୱ।ସମ୍ପ୍ରତି ପୁଅ ଙ୍କ ତୁଳନାରେ ଝିଅ ମାନଙ୍କ ସଂଖ୍ୟା ରେ ଦ୍ରୁତ ଅବନତି ଦେଖା ଦେଉଛି।ତେଣୁ ସଚେତନତା ମାଧ୍ୟମରେ କନ୍ୟା ସନ୍ତାନ ମାନଙ୍କ ସୁରକ୍ଷା କୁ ବ୍ୟାପକ କରିବା ବୋଲି ସୂଚନା ଦେଇଛନ୍ତି ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା।ଆଜି ପୂର୍ବାହ୍ନରେ ସମାଜ କଲ୍ୟାଣ ବିଭାଗ ପକ୍ଷରୁ କନ୍ୟା ସନ୍ତାନ ସୁରକ୍ଷା ଶୋଭାଯାତ୍ରା ସୁଭାଷ ବୋଷ ଛକ ଠାରୁ ସଦଭାବନା ସଭାଗୃହ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା।ଶୋଭାଯାତ୍ରାକୁ ଉଦଘାଟନ କରି ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ବେଉରା ଓ ଶ୍ରୀ ସେଠୀ ଆଜିର ପ୍ରତିଟି କନ୍ୟା ଆସନ୍ତାକାଲି ର ମାଆଟିଏ,ସୃଷ୍ଟି ର ଆଧାର ଟିଏ ହୋଇ ଥିବାରୁ ତାହାର ସୁରକ୍ଷା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଅନୁରୋଧ କରିଥିଲେ।ଏହି ସଚେତନତା ବାର୍ତ୍ତା ଅନ୍ୟ ମାନଙ୍କୁ ପ୍ରେରଣା ଦେବ ବୋଲି ସେମାନେ ଆଶା କରିଥିଲେ।ଶୋଭାଯାତ୍ରାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ,ଚନ୍ଦ୍ର ପ୍ରଭା ଦେଇ, ବାଲ୍ୟବତୀ ମହାନ୍ତି, ବିଭାଗ ବ୍ଲକର ସିଡିପିଓ, ସୁପରଭାଇଜର, ମିଶନ ଶକ୍ତି ମା ମାନେ ଯୋଗ ଦେଇଥିଲେ।

# Puri - the Holy City of the World

Pabitra Mohan Barik

Puri, the holy city of Orissa has a remarkable value in the field of art, architecture, literature, religion and tradition. Puri is the seat of Lord Jagannath, the Lord of Universe. This place is an important religious centre for Hindus. The sanctity of the place is well known to all the pilgrims of the world. The other names of the town are Nilachal, Nilagiri, Niladri, Srikshetra, Sankhakshetra, Purusottam Dham, Purusottam Kshetra and Jagannath Dham. It is a great centre of Pilgrimage. The town being situated on the sea beach of the Bay of Bengal. This place is named as Sankha Kshetra after the name of a demon who had been killed by Lord Visnu. Puri is situated at latitude 190 47' 55" North and longitude 850 49' 5" East on the shore of the Bay of Bengal. Puri is the confluence of different creeds, faiths, races and cultures. Puri is one of the four dhams founded by Adi Sankaracharya. The glory and sanctity of Puri find mention in many Puranas like Matsya Purana, Brahma Purana, Padma Purana, Kapila Samhita, Niladri Mahadaya and Utkal Khanda of Skanda Purana. There were seven streets (sai) in Puri in 1840-41 according to the map produced by the Survey of India. The map has shown Gundicha temple and other religious sites of Puri. The map has also shown about the area of Puri as 4874 acres and population were 23,837. According to the map there were 6620 houses in Puri. The road from Jagannath Mandir to Gundicha Mandir is named as Ratha Danda. During the British Rule Puri municipality was formed in 1881 as per the recommendation of D. Smith. During the period 1822-26 Puri was connected with Calcutta by Jagannath Sadaka. Sukhamaya Dev of Bengal contributed 1.5 lakh rupees for the construction of Jagannath Sadaka. This Sadaka provided better communication facilities. Puri was connected by railway lines of Bengal - Nagapur Railway from Khurda on 1.2.1897. Chinese traveller Hieun Tsang who visited Orissa 633 A.D. in his book, mentions a part town called cheli-talo on the south east of wucha or the odra country near the shore of the ocean. Well known scholar Acunningham has identified che-li-to-lo of Hiuen Tsang with the present town of Puri.



Gangadhar Mishra, royal poet of Sambalpur of 17th century A.D., has described Puri in his work "Kosalananda Kavyam" as the city of nectar and ornament of the earth. The main temple of Puri is the Sri Jagannath temple situated on a raised stone plat form. The present temple started around 1135 A.D. by Chodaganga Dev of the Ganga Dynasty and was finished by his worthy grandson Anangbhim Dev. Besides the temple of Lord Jagannath there are other sacred places in Puri. In Puri there are five sacred bathing places. They are known as the Pancha Tirtha. They are Markandeya Tank, Narendra Tank, Indradyumkna Tank, Swetaganga Tank. According to a popular legend that the Swetaganga has under ground connections with the river Gangas. Another most important temple in Puri named Lokanath Temple is dedicated to Lord Shiva. The linga of the temple remains submerged in water through out the year. The Lokanath temple is at a distance of about 2 km to west of the Jagannath temple. The Gundicha Temple is another sacred place in Puri. At the time of car festival deities take rest in this temple. Next to the great temple the most important sanctuary of Jagannath is the Gundicha temple. The Gundicha temple is surrounded by a wall and stands in the middle of a garden. The Swargadwara is in the sandy beach towards the south-western corner of the town. It is a holy place. A dip in the sea near it is belived to secure heavenly bliss. The beach near the Swargadwara is always crowded. Thousands of devotees come here to bathe on the full moon of Kartika. Chakratirtha, a small pool is one of the sacred places of Puri. It is located at the eastern side of Puri beach. Large number of pilgrims come here to give sradha. This place is known as Banki Muhana. There is also a temple named Chaitanya. The image of Hanuman is worshiped in Daria Mahavir, a small temple. Ardhasini is a small temple dedicated to the goddess of that name. The goddess Ardhasini also known as Mausi Maa of Lord Jagannath. There is a small temple dedicated to Sidha Hanuman to the West of the Gundicha temple. It is said that Tulasi Das took shelter here during his visit to Puri. It is a beautiful place for picnic. In the Gaudabadasai of Puri there is a small temple named Yameswar. This temple is well known for its architectural importance. Albukeswar is also a saiva temple situated to the West of the yameswara temple. In Manikarnika Sahi of Puri there also a small temple is located, named Kapalamochana and dedicated to the god in that name. Besides all these there are also few more temples and sacred places in the Puri town. They are Shyama Kali, Dakhina Kali, Barahi, Ramachandi and Patia Rani temple. Another important place of Puri is historic Atharanala Bridge. It is said that this bridge to have been built towards the end of the 13th century A.D. This bridge is composed of eighteen spans. The Atharanala bridge which crosses the Madhupur Stream. There are also number of Jagagharas in Puri. These are the socio-religious organisation of Puri. The people get together in the house of Jagaghar and develop their physical activities. These Jagagharas play an important role in the festivals performed in the sahis and as well as in the temple of Jagannath. In 1877 a light signal was used at Puri for ships passing along the coast at night. This light signal changed in 1882 and 1887. A electric light signal is being used at Puri from 1st December 1956. The light is visible up to a distance of 27 km. The Ain-E-Akbari a great work of Abul Fazal narrated Puri as the city of Purushottama. Puri is an important ancient town of Orissa. It always attracts number of pilgrims, devotees, visitors and scholars. Puri occupy a high position in the sky of religious work. It's contribution in the field of religion and culture is far reaching.

*Pabitra Mohan Barik is a Lecturer in History in the S.H. Mahavidyalaya, Madanpur, Khurda-752054.*

# Sahi Jatra the living street Carnival of Puri

PIYUSH ROUT

The Jagannatha Dham of Puri town in eastern coast of India is one amongst four Holy places in Hindu Religion is not just popular for Ratha Jatra but also a culturally very much enriched with several rituals, colourful festivals and living traditions. One of the colourful culturally rich festival is Sahi Jatra a some short of spring carnival or the street play that take place after sun set in the evening. It is belived to be one of the oldest festival of Puri that begun somewhere around 1230 AD. As per various mythological records, in the 11th century, during the regime of Chodoganga Deva, King of Puri, many 'kotas' (forts), bastions and Jagagharas (Gymnasiums) were developed to safeguard Puri town from invaders in absence of Meghanada Prachira a boundary wall which now days surrounds Shree Jagannatha Temple."In local language 'Sahi' means a particular neighbourhood or locality or street. There are seven very old sahis located on both sides of the Bada Danda (Grand Road) and around the main Jagannatha temple i.e. Harachandi Sahi, Baseli Sahi, Markandeswara Sahi, Dolomandapa Sahi, Matimandapa Sahi, Bali Sahi and Gaudabada Sahi etc are responsible for carry out grand events. Each Sahi has its own Jagaghara and own Presiding Deity. Most of these



Sahis derived their names from Presiding deities."The Jagagharas in different Sahis are responsible to trian local people with wrestling techniques, acrobats and various war techniques like handling of sword, stick and other weapons. It is believed that these sahis once defended the temple of Lord Jagannatha from outsider attacks. Due to this, during Sahi Jatra, traditional weapons of Jagagharas are taken out to the street in grand procession like carnival and where wrestlers get an opportunity to display their strength and skills."Sahi Jatra is partly martial but more of cultural linked with themes of religious mythology. This cultural festival takes place from Ramanavami the birthday of Lord Ramachandra and continued for a fortnight and celebrates the birth of Lord Rama. In another way Sahi Jatra is a kind of live folk drama, street play and the most attractive feature is the grand procession which starts from the narrow lane of each Sahi into grand road of puri. The procession is accompanied by flag bearers, flame torches and music bands playing drumss, trumpets and conch shells etc."Each sahi is distinguished by its distinct flag and were assigned a different event to play like birth of Lord Rama, killing of deamon by goddess Durga, Ravana lifting Kailash mountain, capture of Sita by Ravana, battle between Parasuram and Lord Rama, war between Rama and Ravana etc. The actors of each sahi wear huge and elaborate masks of ten headed Ravana, five faced Ganesh, Nursingha and of various deities and demons."The most eye catching actor of the procession is the 'Naga'. The "Naagaa" (a tall and robust man with a prominent chest, sharp nose and sinewy arms) are most dashing and they are selected for the role. He is seen wearing a loin cloth and a tiger skin around his chest. On his waist portion several weapons like shield, dagger and knife are placed. He wears a rosary around the neck. On the back portion of the figure, a bamboo mat can be seen which is tied on his body. His face consists of big round eyes, sharp nose, curly mustache and beard, a beautiful heavy headgear adorns his head."The Naga, expert in traditional techniques of war, moves rhythmically to the beats of a martial song. "Naga Saja" is important in Sahi Jatra and Naga decoration is indigenous to Puri. His martial dress is said to be the remnants of a culture of how Odia soldiers used to dress. Even Lord Jagannath is dressed once a year in Naga attire, in the month of Kartik."The main motive behind Sahi Jatra is to bring out hidden glory of long living tradition of Sahis and potray them all together in one platform.

## ମାଟି ଓ କଂକ୍ରିଟର କଥା

# ଯାଦୁ ପ୍ରଦୀପର ଜିନ

ସେଦିନ ସନ୍ଧ୍ୟାରେ ଘରର ପୁରୁଣା ସିନ୍ଦୁକଟା ଦରାଣ୍ଡୁ ଦରାଣ୍ଡୁ ଗୋଟେ ପୁରୁଣା ଦୀପ ମିଳିଲା । ଭାବିଲି ଦୀପଟାକୁ ଟିକେ ଘସ ।ମଜା କରି ଚିକଚାକ କରିଦିଏ । ଯେମିତି ଦୀପଟାକୁ ଘଷିଲି, ତା ଭିତରୁ ବାହାରିଲା ମସ୍ତ ବଡ଼ ଏକ ଜିନ ।
ଜିନ ଗୋଟେ ଲମ୍ବା ସଲାମ କରି କହିଲା, ମୁଁ ହେଲି ଏ ଦୀପର ଜିନ । ଦୀପ ଯାହା ପାଖରେ ମୁଁ ତାଙ୍କ ଗୋଲାମ । କୁହନ୍ତୁ ମାଲିକ, ମୁଁ ଆପଣଂକ ପାଇଁ କଣ କରିବି ?
ମୁଁ କହିଲି , ଯାହା କହିଲେ କରିବ ?
ଜିନ କହିଲା, ଯାହା ସମ୍ଭବ ସବୁ କରିଦେବି । ହେଲେ ମୋତେ ଅସମ୍ଭବ କଥା କିଛି କରିବାକୁ କହିବେନି । କହିଲେ ମୁଁ ଦୀପ ଭିତରେ ପଶି ଯିବି, ଆଉ ବାହାରିବି ନାହିଁ । ଆଉ ଆଗରୁ ଯାହା ଦେଇଥିବି ତାହା ବି ଉଭେଇ ଯିବ ।ଏବେ ହୁକୁମ କରନ୍ତୁ ମୁଁ ଆପଣଂକ ପାଇଁ କଣ କରିବି ?



ମୃଣାଳ ଚାଟାର୍ଜୀ

ମୁଁ କହିଲି, ଦେଖ ଜିନ ଭାଇ, ମୋ ବାହାଘର କୁ ୩୩ ବର୍ଷ ହୋଇଗଲାଣି, ମୋ ସ୍ତ୍ରୀକୁ ଗୋଟେ ସୁନା ହାର ଦେଇ ପାରିନି ବୋଲି ନିଜକୁ ଖରାପ ଲାଗେ । ମୋ ବାହାଘର ବେଳକୁ ସୁନା ଭରି ପାଞ୍ଚ ହଜାର ଥିଲା, ଏବେ ଅଶୀ ହଜାର । ପ୍ରତିବର୍ଷ ଭାବେ, ଦାମଟା କମୁ, କିଣିବି । ସେ ଆଉ ହୋଇ ପାରିଲାନି । ତମେ ଗୋଟେ ସୁନା ନେକଲେସ ଆଣି ଦିଅ ।
- ଜୀ ହଜୁର ।
ଜିନ ହୁସସ କରି ଚାଲିଗଲା , ଆଉ ଅଳ୍ପ ସମୟ ଭିତରେ ଭୁସସ କରି ଫେରି ଆସିଲା । ହାତରେ ଗୋଟେ ସୁନ୍ଦର ସୁନା ନେକଲେସ ।
ନେକଲେସଟା ମୋ ହାତକୁ ବଢ଼େଇ ଦେଇ ଜିନ କହିଲା, ଆଉ କଣ କରିବି ହୁକୁମ କରନ୍ତୁ ।
ମୁଁ କହିଲି, ଦେଖ ଜିନ ବାବୁ, ଜୀବନ ସାରା ଭଡ଼ା ଘରେ ରହିଲି । ପ୍ରତି ଦି ବର୍ଷ - ତିନି ବର୍ଷରେ ଘର ବଦଳାଇ ଜୀବନଟା ହୁତାଶନ ହୋଇଗଲା । ମୋତେ ଗୋଟେ ଘର କରିଦିଅ ।
ଜିନ ହୁସସ କରି ଚାଲିଗଲା, ଆଉ ଫେରିଲା ଦି ଦିନ ପରେ । ମୋତେ କହିଲା, ମାଲିକ ଆପଣଙ୍କ ଘର ରେଡି, ଖାଲି ରଙ୍ଗ କାମ ଚାଲିଛି, ଆଉ ଦି ଦିନ ଭିତରେ ଡେ଼ଲିଭରି ହୋଇଯିବ । ଆଉ କଣ କରିବି ହୁକୁମ କରନ୍ତୁ ।
ମୁଁ କହିଲି, ଶୁଣ ଜିନ ଭାଇ, ଭାରତରେ ଆମେ ମଧ୍ୟବିତ୍ତ ହେଲୁ ସବୁଠୁ ଦୁଃଖୀ । ସରକାର ବଡ଼ଲୋକଙ୍କ କଥା ବୁଝନ୍ତି, ଗରିବ ଲୋକଙ୍କୁ ସାହାଯ୍ୟ ଦିଅନ୍ତି । ମଧ୍ୟବିତ୍ତ ଜଳକା ହୋଇ ଚାହିଁଥାଏ । ବଡ଼ଲୋକଙ୍କ ଋଣ ଛାଡ଼ ହୋଇଯାଏ, ଗରିବଲୋକଙ୍କୁ ବିନା ସୁଧରେ ଋଣ ଦିଆଯାଏ । ଋଣ ପରିଶୋଧରେ ଖିଲାପ କଲେ ମଧ୍ୟବିତ୍ତର ଘର ନିଲାମ ହୋଇଯାଏ । ଜିନ ଭାଇ, ତମେ ଆମ ମଧ୍ୟବିତ୍ତଙ୍କ ଦୁଃଖ ଦୂର କର ।
ଅନ୍ୟ ଦି ଥର ଭଳି ଜିନ ଏଥର ଜି ହଜୁର କହି ଚାଲି ଗଲା ନାହିଁ । କିଛି ସମୟ ସେ ମୋ ମୁହଁକୁ ଚାହିଁ ଠିଆ ହୋଇ ରହିଲା । ତାପରେ କାନ୍ଦି ପକେଇଲା । କାନ୍ଦୁ କାନ୍ଦୁ କହିଲା , ହଜୁର ଆପଣଂକୁ ମୁଁ କହିଥିଲି , ମୋତେ ଅସମ୍ଭବ କାମ କରିବାକୁ କହିବେ ନି । ଭାରତରୁ ମଧ୍ୟବିତ୍ତଙ୍କ ଦୁଃଖ କେହି ଦୂର କରି ପାରିବେ ନି । କାରଣ ସବୁ ସରକାରଙ୍କ ପାଇଁ ମଧ୍ୟବିତ୍ତ ହେଲେ କାମଧେନୁ । କାମଧେନୁକୁ କେବଳ ଦୁହାଁ ଯାଏ ହଜୁର ।
ଏତିକି କହି ଜିନ ପଶିଗଲା ଦୀପ ଭିତରେ । ଆଉ ସେ ବାହାରିବ ନାହିଁ ।

*Regional Director, IIMC*
*Sanchar Marg, Dhenkanal*
*www.mrinalchatterjee.com*
*91 94370 26194 | 91 6762 226194/5*

# ଶ୍ରୀସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଛାତ୍ରାବାସ ଦିବସ ଅନୁଷ୍ଠିତ





**ପୁରୀ:** ଅଧ୍ୟାୟୀମାନଙ୍କ ମେଧାବୃଦ୍ଧି, ପୋଷକ ବୃଦ୍ଧି ସହ ଶାରୀରୀକ ବିକାଶ ନିମନ୍ତେ ମାର୍ଚ୍ଚ ୨୮ତାରିଖ ପର୍ଯ୍ୟନ୍ତ ପୁରୀର ଶ୍ରୀ ସଦାଶିବ କ୍ୟାମ୍ପସସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଛାତ୍ରାବାସ ଦିବସ ମହୋତ୍ସବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ିଙ୍କ ସଂରକ୍ଷଣରେ ଆୟୋଜନ କରାଯାଥିଲା। ମହୋତ୍ସବର ଉଦ୍‌ଘାଟନୀ ସଭାକୁ ପରିସରର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ । ପ୍ରଫେସର ବିଶ୍ୱାଳ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ ସମସ୍ତ ଛାତ୍ରଛାତ୍ରୀ ଶୃଙ୍ଖଳାବଦ୍ଧ ରହି ସାଂସ୍କୃତିକ ଏବଂ ଶୈକ୍ଷିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଉଚିତ ଏବଂ ଜିତିବା କିମ୍ବା ପରାଜୟର ଭାବନା ରଖିବା ଉଚିତ ନୁହେଁ। ଏହା ବ୍ୟତୀତ, ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶାର ଲୋକଭାଷା ପ୍ରଚାର ସମିତିର ସଭାପତି ସଦାନନ୍ଦ ଦୀକ୍ଷିତ ମଧ୍ୟ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ। ସେ ତାଙ୍କ ଚିନ୍ତାଧାରା ଦ୍ୱାରା ଛାତ୍ରମାନଙ୍କୁ ଅନୁପ୍ରାଣିତ କରିଥିଲେ। ଉଦଘାଟନୀ ଅଧିବେଶନରୁ ଆରମ୍ଭ କରି, ଛାତ୍ରମାନଙ୍କ ପାଇଁ ତିନି ଦିନ ଧରି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଉଛି ଯେଉଁଥିରେ କ୍ରିକେଟ୍, ଭଲିବଲ୍, ଟେନିସ୍, ବ୍ୟାଡମିଣ୍ଟନ୍, ଖୋ-ଖୋ, କବାଡି, ଲେମ୍ବୁ ଦୌଡ଼, ସଂଗୀତ ଚେୟାର, ପ୍ରବନ୍ଧ ଲେଖା, ରଙ୍ଗୋଲି, ଚିତ୍ରାଙ୍କନ କଳା ପ୍ରଦର୍ଶନ ସମେତ ବିବିଧ ଶାସ୍ତ୍ରୀୟ ସ୍ପର୍ଦ୍ଧା ମଧ୍ୟ ଆୟୋଜନ କରାଯାଉଅଛି। ଯାହାର ଉଦ୍‌ଯାପନୀ ଉତ୍ସବ ଏବଂ ପୁରସ୍କାର ବଣ୍ଟନ ୨୮.୦୨.୨୦୨୫ ରେ କ୍ୟାମ୍ପସରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆ ଦିଲ୍ଲୀର ଛାତ୍ରକଲ୍ୟାଣ ଅଧ୍ୟକ୍ଷ ପ୍ରଫେସର ମଦନ ମୋନ ଝାଙ୍କ ସହିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆ ଦିଲ୍ଲୀର ମୁଖ୍ୟଛାତ୍ରାବାସ ଅଧ୍ୟକ୍ଷ ପ୍ରଫେସର ନାରାୟଣ ସିହ୍ନା ଆର.ଏଲ୍ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ସମଗ୍ର କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ମଖଳେଶ କୁମାର ଥିବା ବେଳେ ସହ-ସଂଯୋଜିକା ଅଛନ୍ତି ଡକ୍ଟର ସ୍ୱାଗତିକା ମହାନ୍ତି । ବାଲ୍ମୀକୀ ଛାତ୍ରାବାସର ସହ-ତତ୍ତ୍ୱାବଧାରକ ଡକ୍ଟର ଅଜୟାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ପବିତ୍ର ଓଡ଼ିଆ ତଥା ହିନ୍ଦୁ ନବ ବର୍ଷ ଅବସରରେ ପୁରୀ ବଡଦାଣ୍ଡରେ ଆୟୋଜିତ ବିଶାଳ ଶୋଭାଯାତ୍ରାରେ ସାଂସଦ ଡ. ସମ୍ବିତ ପାତ୍ର ଓ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଜେପି ଜିଲାସଭାପତି ଡ. ଦେବେନ୍ଦ୍ର ନାଥ ତରାଇ ସାମିଲ ହେବା ସହ ସମସ୍ତ ଓଡ଼ିଶାବାସୀଙ୍କୁ ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି।



ବିଶିଷ୍ଟ ସାହିତ୍ୟିକ, ଐତିହାସିକ, ଶିକ୍ଷାବିତ ତଥା ସମାଜସେବୀ ପ୍ରଫେସର ଡ. ଜଗନ୍ନାଥ ପଟ୍ଟନାୟକଙ୍କ ସ୍ମୃତିରେ ଭୁବନେଶ୍ୱରରେ ଆୟୋଜିତ ସାରସ୍ୱତ ସଭା ଓ ଆଲୋଚନାଚକ୍ରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥି ଭାବେ ଯୋଗଦେବା ଅବସରରେ।





ପୁରୀର ଜଗନ୍ନାଥ ବସ୍ତି ଠାରେ ନବନିର୍ମିତ କମ୍ୟୁନିଟି ହଲକୁ ଉଦ୍‌ଘାଟକ ଭାବେ ପୁରୀ ସାଂସଦ ଡ. ସମ୍ବିତ ପାତ୍ରଙ୍କ ସହ ପୁରୀ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଉପସ୍ଥିତ ରହିବା ସହ ଶୁଭାରମ୍ଭ କରି ସାଧାରଣ ଜନତାଙ୍କ ପାଇଁ ସମର୍ପିତ କରିଛନ୍ତି।

## ଭବିଷ୍ୟତ ଗଠନ ନିମନ୍ତେ କର୍ମଶାଳା

**ପୁରୀ:** ସ୍ଥାନୀୟ ଉତ୍କଳ ବାଳାଶ୍ରମ ପରିସରରେ ଜିଲ୍ଲାର ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀ, ଆଶୀର୍ବାଦ ଓ ପୃଷ୍ଠପୋଷକ ସହାୟତା ହିତାଧିକାରୀ ମାନଙ୍କୁ ନେଇ ଭବିଷ୍ୟତ ଗଠନ କର୍ମଶାଳା ବା କ୍ୟାରିଅର କାଉନସେଲିଂ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଉଦଘାଟନ କରି ସଠିକ ନିଷ୍ପତ୍ତି ଏକ ସୁନ୍ଦର ଓ ସୁରକ୍ଷିତ ଭବିଷ୍ୟତ ର ମୂଳଦୁଆ ବୋଲି କହିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡଃ ଅଜିତ କୁମାର ମହାପାତ୍ର, ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ପିଲାଙ୍କ ଉନ୍ନତ ଭବିଷ୍ୟତ ଗଠନ ପାଇଁ ଏହା ଏକ ସଫଳ ପଦକ୍ଷେପ ବୋଲି କହିଥିଲେ।



୨୦୨୪ ସାଧାରଣ ନର୍ବାଚନରେ ବଡ଼ ଧରଣର ଅନିୟମିତତା ହୋଇଥିବା ନେଇ ବିଜେଡିର ସଂସଦୀୟ ଦଳ ଏବଂ ପୂର୍ବତନ ରାଜ୍ୟସଭା ସାଂସଦ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇ କମିଶନଙ୍କ ନିକଟରେ ପାଞ୍ଚ ଦଫା ଦାବି ଉପସ୍ଥାପନ କରିବା ସହ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷ ଅଡିଟରଙ୍କ ଦ୍ୱାରା ଅଡିଟ କରିବା ସହିତ ଫର୍ମ ୧୭ର ତଥ୍ୟ ସାର୍ବଜନିନ କରିବା ଲାଗି ଦାବି ଜଣାଇଛନ୍ତି।




କଟକସ୍ଥିତ ସତ୍ୟଭାମାପୁରରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବା ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁର ହେଉଛି' ଆମ ପାଇଁ ଏକ ପବିତ୍ର ସ୍ଥାନ, ଏକ ତୀର୍ଥସ୍ଥଳ'। ଏ ସ୍ଥାନକୁ ଓଡ଼ିଆ ଜାତୀୟତା ଭାବର ଏକ କେନ୍ଦ୍ର ସ୍ଥଳ ଭାବେ ବିକଶିତ କରାଯିବ ବୋଲି କହିଛନ୍ତି। ଏହି ଅବସରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଜିଲ୍ଲାର ବିଧାୟକ ଗଣ ଅତିଥିଭାବେ ଉପସ୍ଥିତ ରହିଥିଲେ।



ଖୋର୍ଦ୍ଧାର ବାଣପୁର ପଞ୍ଚୁଦୋଳ ଉତ୍ସବ ଅବସରରେ ପଞ୍ଚୁଦୋଳ ମେଳଣ ପଡ଼ିଆ ଠାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ପୁରୀ ସାଂସଦ ଡ଼ାଃ ସମ୍ବିତ ପାତ୍ରଙ୍କ ସହ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରଣା, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧ୍ୟକ୍ଷା, ଖୋର୍ଦ୍ଧା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ, ତହସିଲଦାର ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ଅଭିଭାଷଣ ପ୍ରଦାନ ସହ ଶୁଭେଚ୍ଛା ଜଣାଇଥିଲେ ।






ରାଉରକେଲାର ସାମାଜିକ ତଥା ସାଂସ୍କୃତିକ ସଙ୍ଗଠନ କାନଭାସ୍ ପକ୍ଷରୁ ଆୟୋଜିତ 'ରାଉରକେଲା ଦିବସ' ପାଳନ ସମାରୋହ ଅବସରରେ ମୁଖ୍ୟ ଅତିଥି ଭାବେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦ ଯୋଗଦେଇ ପ୍ରମୁଖ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହା ସହ ଏଥିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ, ରଘୁନାଥପଲ୍ଲୀର ମାନ୍ୟବର ବିଧାୟକ ଦୁର୍ଗାଚ଼ରଣ ତନ୍ତୀ, କାନଭାସ ସଂଗଠନର ସମ୍ପାଦକ, ଆବାହକଙ୍କ ସମେତ ବହୁ ପ୍ରମୁଖ ବ୍ୟକ୍ତିବିଶେଷ ମାନେ ଉପସ୍ଥିତ ଥିଲେ।




ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଉପସ୍ଥିତିରେ ସମବାୟ ବିଭାଗ ଓ ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ, ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ପାଠ୍ୟଚକ୍ର 'ସମବାୟ ମାଧ୍ୟମରେ ମହିଳା ସଶକ୍ତିକରଣର ଶୁଭ ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇଛନ୍ତି।




ପୁରୀ ତାଳବଣିଆ ପଡ଼ିଆ ଠାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଏଥିରେ ଅତିଥି ଭାବେ ଯୋଗଦେଇଛନ୍ତି ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ସଦର ପଂଚାୟତ ସମିତିର ଅଧ୍ୟକ୍ଷ ଦିବାକର ପାତ୍ର ଓ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ।



ରାଷ୍ଟ୍ରନୀତିଜ୍ଞ ବିଜୁ ବାବୁଙ୍କ ଜୟନ୍ତୀ ପଞ୍ଚାୟତିରାଜ ଦିବସ ବାତିଲ କରିବା ରାଜ୍ୟ ବିଜେପି ସରକାରର ହୀନମନ୍ୟତାକୁ ନେଇ ପୁରୀ ବିଜେଡିର ରାଜ୍ୟସଭା ସାଂସଦ ଶୁଭାଷିଶ ଖୁଂଟିଆଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ।

## ଆୟୁଷ ଆଥଲେଟିକସ୍‌ର ସମ୍ବର୍ଦ୍ଧନା ଉତ୍ସବ

**ପୁରୀ:** ଆୟୁଷ ଆଥଲେଟିକସ୍ ର ନିଷ୍ଠା ଓ ପ୍ରତବଦ୍ଧତା ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଦାୟକ। ଚଳିତ ବର୍ଷ ୧୦ ଜଣ ଆଥଲେଟ ସରକାରୀ ଚାକିରୀରେ ନିଯୁକ୍ତି ପାଇ ପାରିଛନ୍ତି । ପଦକ୍ଷେପ ଓ ଅନୁକରଣୀୟ ବୋଲି କହିଛନ୍ତି ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ପୁରୀ କୋଣାର୍କ ମେରାଇନ ଡ୍ରାଇଭ ରାସ୍ତା ପୂଜାପଣ୍ଡା କନଭେନସନ ଠାରେ ଆୟୁଷ ଆଥଲେଟିକସ୍ ଅନୁଷ୍ଠାନ ପକ୍ଷରୁ ସୁରକ୍ଷା ବାହିନୀରେ ନବନିଯୁକ୍ତ ଯୁବ ବର୍ଗଙ୍କୁ ଶୁଭେଚ୍ଛା ଜ୍ଞାପନ କାର୍ଯ୍ୟକ୍ରମ ହୋଇଥିଲା।



ଭାରତ ସରକାରଙ୍କ ବୟନ ମନ୍ତ୍ରଣାଳୟ ଅଧିନ ହସ୍ତତନ୍ତ ଉନ୍ନୟନ କମିଶନର ଡକ୍ଟର ଏମ୍ ବୀଣାଙ୍କ ପୁରୀ ଗସ୍ତ ସମୟରେ ସିଂହଦ୍ୱାର ଠାରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପୁରୀ ପକ୍ଷରୁ ଡ. ବୀଣାଙ୍କୁ ସମ୍ବର୍ଦ୍ଧନା କରାଯାଇଅଛି।

## ଏନ୍‌ସିସି ଦ୍ୱାରା ସଚେତନତା ସାଇକେଲ ଶୋଭାଯାତ୍ରା



**ପୁରୀ:** ଓଡ଼ିଶା ଏନସିସି ନିର୍ଦ୍ଦେଶାଳୟ ଅନ୍ତର୍ଗତ କଟକ ଗ୍ରୁପ ଜାତୀୟସମର ଶିକ୍ଷାର୍ଥୀ ବାହିନୀ ଆନୁକୂଲ୍ୟରେ ସାରା ରାଜ୍ୟରେ ସଚେତନତା ଏବଂ ସାମାଜିକ ଦାୟିତ୍ୱବୋଧ କୁ ପ୍ରୋତ୍ସାହିତ କରିବା ପାଇଁ ଏକ ବୃହତ ସାଇକଲ ରାଲି ର ଉଦଘାଟନ ସମାରୋହ ପୁରୀ ଜିଲ୍ଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଆଜି କଟକ ଏନସିସି ଗ୍ରୁପର ଗ୍ରୁପ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବରେ କର୍ଣ୍ଣେଲ ସ୍ୱାଇଁ,ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ପତାକା ପ୍ରଦର୍ଶନ କରି କ୍ୟାଡେଟ ମାନଙ୍କୁ ଉତ୍ସାହିତ କରି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମେଜର ଆଶୁତୋଷ ତ୍ରିପାଠୀ, ଲେଫ୍ଟନାଣ୍ଟ ଅନିଲ କୁମାର, ସଞ୍ଜୀବ ଦେୱାନ,ଜେ ବି ସିଂହ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସାଇକେଲ ଯାତ୍ରୀ ଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଓଡ଼ିଶାର ମୁଖ୍ୟ ମହାଡାକପାଳ ଭାବେ ନିର୍ମଳଜିତ ସିଂ ନିଯୁକ୍ତ



**ଭୁବନେଶ୍ୱର:** ୧୯୯୭ ବ୍ୟାଚର ବରିଷ୍ଠ ଭାରତୀୟ ଡାକ ସେବା ଅଧିକାରୀ ନିର୍ମଳଜିତ ସିଂ ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ମହାଡାକପାଳ ଭାବେ ନିଯୁକ୍ତ ହୋଇଛନ୍ତି । ଶ୍ରୀ ସିଂଙ୍କର ଭାରତୀୟ ଡାକ ସେବା କ୍ଷେତ୍ରରେ ଜାଜ୍ୱଲ୍ୟମାନ କ୍ୟାରିଅର ରହିଛି । ସେ ଓଡ଼ିଶା ଡାକ ପରିମଣ୍ଡଳରେ ଅଭିନବ ନେତୃତ୍ୱ ଓ ପରିଚାଳନାଗତ ଉତ୍କର୍ଷତା ଆଣିପାରିବେ ବୋଲି ଆଶା କରାଯାଉଛି । ନୂତନ ଭୂମିକାରେ ଶ୍ରୀ ସିଂହ ରାଜ୍ୟର ଲକ୍ଷ ଲକ୍ଷ ଲୋକଙ୍କୁ ଡାକ ସେବା ପ୍ରଦାନ କରୁଥିବା ଓଡ଼ିଶା ଡାକ ପରିମଣ୍ଡଳର ପ୍ରଶାସନ ଓ ପରିଚାଳନା କାର୍ଯ୍ୟ ଅନୁଧ୍ୟାନ କରିବେ।




ପୁରୀଠାରେ ଅନୁଷ୍ଠିତ ସୂଚନା ଅଧିକାର ଆଇନ ୨୦୦୫ ଅନ୍ତର୍ଗତ ଏକ ସଚେତନତା କର୍ମଶାଳା ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ସୂଚନା ଅଧିକାର ଆଇନ ୨୦୦୫ ଭାରତ ରେ ଲାଗୁହେବା ପର ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ପରିବର୍ତ୍ତନ ଘଟିଛି। ସୂଚନା ଅଧିକାର କର୍ମୀ ମାନେ ମଧ୍ୟ ସାମାଜିକ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି। ତେବେ ବିଭିନ୍ନ ବିଭାଗ କୁ ଅଧିକ କ୍ରିୟାଶୀଳ ଓ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରଥଯାତ୍ରାକୁ ମିଳିଲା...

ପତ୍ର ଦାଖଲ ହୋଇଥିଲା । ଗଜପତି ମହାରାଜାଙ୍କ ମାର୍ଗଦର୍ଶନ ତଥା ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ ଅନୁସାରେ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନେତୃତ୍ୱରେ କମ୍ ଅବଧି ମଧ୍ୟରେ ସମସ୍ତ ପ୍ରସ୍ତୁତି ହୋଇଥିବା ବେଳେ ମହାପ୍ରଭୁଙ୍କ ସେବକମାନେ ମଧ୍ୟ ଏଥିଲାଗି ଅକୁଣ୍ଠ ସହଯୋଗ ପ୍ରଦାନ କରିଥିଲେ । ଏଥିପାଇଁ ସମସ୍ତ ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ, ସେବକଙ୍କ ସହ ସହଯୋଗର ହାତ ବଢ଼ାଇଥିବା ବ୍ୟକ୍ତି ତଥା ଅନୁଷ୍ଠାନଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ।

### ଭାରତର ଅମର ସଂସ୍କୃତିର...

ବୋଲି ବର୍ଣ୍ଣନା କରି ସଂଘ କହିଛି ଯେ ଯେଉଁମାନେ ଆର୍‌ଏସ୍‌ଏସ୍ ଓ ବିଜେପି ବିଷୟରେ କିଛି ଜାଣନ୍ତି ନାହିଁ, ସେମାନେ ହିଁ ମତଭେଦ କଥା ଉଠାଉଛନ୍ତି। ଯେଉଁମାନେ ଏହି ମିଥ୍ୟା ପ୍ରଚାର କରୁଛନ୍ତି ସେମାନେ ନିଜ ରାଜନୈତିକ ଫାଇଦା ପାଇଁ ଏପରି ପ୍ରଚାର କରୁଛନ୍ତି ବୋଲି ସଂଘ କହିଛି।

### ଉତ୍କଳ ଦିବସର...

ଉପଯୁକ୍ତ ସମ୍ମାନ। ଓଡ଼ିଶାର ଇତିହାସ, ସାହିତ୍ୟ ଓ ସଂଗୀତକୁ ନେଇ ଭାରତ ଗର୍ବିତ। ଓଡ଼ିଶାର ଲୋକମାନେ କଠିନ ପରିଶ୍ରମୀ ଏବଂ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଛନ୍ତି । ଗତ ଏକ ବର୍ଷ ଧରି କେନ୍ଦ୍ର ଏବଂ ଓଡ଼ିଶା ସରକାର ରାଜ୍ୟର ଆହୁରି ପ୍ରଗତି ପାଇଁ ବ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି ।"

### ୨୦୨୫-୨୬ ଶିକ୍ଷାବର୍ଷ...

ଏହି କାର୍ଯ୍ୟକ୍ରମ ଦ୍ୱାରା ସ୍ମରଣୀୟ ହେବ। ଏଥିପାଇଁ ନୂତନ ଶିକ୍ଷା ନୀତି କାର୍ଯ୍ୟକାରୀ ହେବ। ନୂଆଁ କରି ପାଠ ଆରମ୍ଭ କରୁଥିବା ପିଲାମାନଙ୍କ ପାଇଁ ଅପ୍ରେଲ ୨ରେ 'ଶିଶୁ ବାଟିକା' ବ୍ୟବସ୍ଥାର ଶୁଭାରମ୍ଭ ହେଉଛି। ତେଣୁ 'ପ୍ରବେଶ ଉତ୍ସବ' ଏବଂ 'ଖଡ଼ି ଛୁଆଁ' କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଆସନ୍ତୁ ଏହି କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବା। ସାରା ରାଜ୍ୟରେ ଶିଶୁମାନଙ୍କର ଉତ୍ତମ ଶିକ୍ଷା ଦିଗରେ ଆମ ସରକାର ସଂପୂର୍ଣ୍ଣ ଯତ୍ନବାନ ରହିଛି ଆଉ ରହିବ ବୋଲି ମଧ୍ୟ କହିଛନ୍ତି। ଶିଶୁମାନଙ୍କ ବୌଦ୍ଧିକ ଓ ମାନସିକ ବିକାଶ ଲାଗି ଏହିଭଳି କାର୍ଯ୍ୟକ୍ରମ ବହୁତ ପ୍ରଭାବ ପକାଇବ ବୋଲି କହିଥିଲେ। ଏହି ଅବସରରେ କୁନି କୁନି ପିଲାମାନଙ୍କ ଗହଣରେ ନିଜର କିଛି ମୁହୂର୍ତ୍ତ ବିତାଇଥିବା ଦେଖିବାକୁ ମିଳିଥିଲା।

### ଉତ୍କଳ ଦିବସ...

ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ଏହି ଓଡ଼ିଆ ଆନ୍ଦୋଳନ ତୀବ୍ରତର ହୋଇଥିଲା । ବହୁ ବିଶିଷ୍ଟ ନେତୃବୃନ୍ଦଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ୧୯୩୬ ମସିହା ଅପ୍ରେଲ ପହିଲାରେ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନ ସାକାର ହୋଇଥିଲା । ଉଭୟ ଦକ୍ଷ ମାନବ ସମ୍ବଳ ଏବଂ ପ୍ରାକୃତିକ ସମ୍ବଳରେ ଭରା ଆମର ଏ ରାଜ୍ୟ ଓଡ଼ିଶା । ଓଡ଼ିଶାର ସମୃଦ୍ଧ ଐତିହାସିକ ଓ ସାଂସ୍କୃତିକ ପରମ୍ପରା ଏହାର ସର୍ବାଙ୍ଗୀନ ବିକାଶ ନିମନ୍ତେ ଉପଯୁକ୍ତ ଭିତ୍ତିଭୂମି ଯୋଗାଇ ଦେଇଥାଏ । ଏହାର ଅନୁକୂଳତମ ଜଳବାୟୁ, ଉର୍ବର ମୃତ୍ତିକା, ଖଣିଜ ସମ୍ପଦ, ସାମୁଦ୍ରିକ ବେଳାଭୂମି ଏବଂ ପରିଶ୍ରମୀ ଜନଗଣ ଏହି ପ୍ରଦେଶର ବିକାଶ ନିମନ୍ତେ ଯଥେଷ୍ଟ ଅବଦାନ ରଖୁଥାନ୍ତି । ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ଏହାର ଗୌରବ ବଜାୟ ରଖୁବା ସହ ବିଭିନ୍ନ କ୍ଷେତ୍ରରେ ଅନ୍ୟ ପ୍ରଦେଶଠାରୁ ଆଗରେ ରହିଛି । ଓଡ଼ିଶା ଦିବସ ପାଳନର ଏହି ପବିତ୍ର ଅବସରରେ ଆମେ ଉତ୍କଳମାତାର ସେବାରେ ନିଜକୁ ନିୟୋଜିତ କରିପାରିଲେ ଏହା ହିଁ ହେବ ଆମ ପୂର୍ବସୂରୀମାନଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ଓ ଉକ୍ତ ଦିବସ ପାଳନର ଯଥାର୍ଥତା । ଆସନ୍ତୁ, ଗର୍ବିତ ଓଡ଼ିଆଭାବେ ଆମେ ଓଡ଼ିଶା ମାଟିର ସେବାରେ ସମୟ ଦେଇ ଏହାକୁ ଏକ ଶ୍ରେଷ୍ଠ, ସମୃଦ୍ଧ ଓ ଶାନ୍ତିପ୍ରିୟ ରାଜ୍ୟ ରୂପେ ଗଢି ତୋଳିବା ।

### ରାଜ୍ୟସ୍ତରୀୟ ଓଡିଶା ଦିବସ...

ଦୁର୍ବାର ଆନ୍ଦୋଳନ ଚଳାଇ ଇତିହାସ ସୃଷ୍ଟି କରିଥିଲା ବୋଲି ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ରାଜ୍ୟସ୍ତରୀୟ ଓଡିଶା ଦିବସ ସମାରୋହକୁ ଉଦ୍‌ଘାଟନ କରି କହିଛନ୍ତି। ଆଉ ୧୧ ବର୍ଷ ପରେ ଓଡିଶା ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ। ଓଡ଼ିଆ ସ୍ୱାଭିମାନର ପ୍ରତିଷ୍ଠାକୁ ଉର୍ଦ୍ଧ୍ୱକୁ ନେବାରେ ପ୍ରତିଟି ଓଡ଼ିଆ ସଂକଳ୍ପବଦ୍ଧ ହେବା ସହ ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ପ୍ରତ୍ୟେକ ଓଡ଼ିଆ ଭାଇଭଉଣୀ ନିଜର ଏକନିଷ୍ଠ କର୍ତ୍ତବ୍ୟ ସମ୍ପାଦନ କରିପାରିଲେ ଆଜିର ଦିବସର ସାର୍ଥକତା ପ୍ରତିପାଦିତ ହୋଇ ପାରିବ ଓ ଓଡ଼ିଆ ଜାତି ସର୍ବଶ୍ରେଷ୍ଠ ଜାତିରେ ପରିଗଣିତ ହୋଇପାରିବ ବୋଲି ବାଚସ୍ପତି କହିଛନ୍ତି।



ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ପରିସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଅନୁଷ୍ଠିତ ପ୍ରାତଃଭୋଜନ ବୈଠକ କାର୍ଯ୍ୟକ୍ରମରେ ଓଡ଼ିଶାର ସମସ୍ତ ସାଂସଦମାନଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ।



ଓଡ଼ିଶାର ଉଚ୍ଚ ନ୍ୟାୟାଳୟ ଠାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନୂତନ ମୁଖ୍ୟ ନ୍ୟାୟାଧିଶ ଜଷ୍ଟିସ ହରିଶ ଟଣ୍ଡନଙ୍କ ଶପଥ ଗ୍ରହଣ ସମାରୋହ ଉତ୍ସବରେ ରାଜ୍ୟପାଳ ହରିବାବୁ କୁମ୍ଭମପତି ଉପସ୍ଥିତ ରହି ଶପଥ ପାଠ କରାଉଛନ୍ତି।



ନାଲକୋର ସିଏସ୍‌ଆର କାର୍ଯ୍ୟକ୍ରମ ଅଧୀନରେ ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଏକ ଆନିମଲ୍ ଆମ୍ବୁଲାନ୍ସ ପାଇଁ ୪୪.୫୦ ଲକ୍ଷ ଟଙ୍କାର ଆର୍ଥିକ ସହଯୋଗ ଯୋଗାଇ ଥିବାରୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନାଲକୋର ସିଏମ୍‌ଡିଙ୍କ ସମେତ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।



ଚୈତ୍ର ଶୁକ୍ଳ ଚତୁର୍ଥୀ ତିଥିରେ, ଶ୍ରୀମନ୍ଦିରରେ ବାଡିନୃସିଂହ ବିଜେ ନୀତି ପାଳିତ ହୋଇଯାଇଛି। ଶ୍ରୀନୃସିଂହ ଦେବଙ୍କୁ ବିମାନରେ ଅଧିଷ୍ଠିତ କରାଯାଇ ନଗର ଭ୍ରମଣ କରାଇବା ସହ ଚାରି ଆଶ୍ରମକୁ ବିଜେ କରାଯାଇଛି।



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ପ୍ରକୋଷ୍ଠରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ କୃଷି ଉତ୍ପାଦନ କ୍ଲଷ୍ଟରକୁ ପ୍ରୋତ୍ସାହନ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଜୀବିକାକୁ ସୁଦୃଢ଼ କରିବା ପାଇଁ ମିଶନ ଶକ୍ତି ବିଭାଗ, ଉଦ୍ୟାନ କୃଷି ବିଭାଗ, କୃଷି ଏବଂ କୃଷକ କଲ୍ୟାଣ ବିଭାଗ ଏବଂ ଏମ୍‌ଓୟୁ ସ୍ୱାକ୍ଷରିତ।



ଓଡ଼ିଶା ରାଜ୍ୟ ପାନୀୟ ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ୨୫ କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ପ୍ରଦାନ ଏବଂ ୧୨ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ସହାୟତା ରାଶି ପ୍ରଦାନ।

## ଭିସୁଟ ଅଧ୍ୟାପକ ଅମିତ ଚାଟାର୍ଜୀଙ୍କୁ ଜାତୀୟ ସ୍ତରୀୟ ସ୍ଥାପତ୍ୟ ପୁରସ୍କାର



ବୁର୍ଲା: ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ର ସ୍ଥାପତ୍ୟ (ଆର୍କିଟେକ୍ଚର) ବିଭାଗର ସହାୟକ ପ୍ରଫେସର ଅମିତ ଚାଟାର୍ଜୀଙ୍କୁ 'ଆର୍କିଜ କାଉଜ ସାଥ୍ ଡିଜାଇନ୍ ଏଡ୍ୟୁକେଟର୍ସ' ୨୦୨୪-୨୫ ପୁରସ୍କାର ରେ ସମ୍ମାନିତ କରାଯାଇଛି। ସ୍ଥାପତ୍ୟ ଶିକ୍ଷା କ୍ଷେତ୍ରରେ ସ୍ଥାୟୀତ୍ୱ (ସସଟେନେବିଲିଟି) ଅନ୍ତର୍ଭୂକ୍ତ କରିବାରେ ଉତ୍କୃଷ୍ଟତାର ସ୍ୱୀକୃତି ସ୍ୱରୂପ ଏହି ଜାତୀୟସ୍ତରୀୟ ପୁରସ୍କାରଟି ଇଥୋସ୍ ଫାଉଣ୍ଡେସନ୍ ଏବଂ ଏମଫାସିସ୍ ଏଫ-୧ ଫାଉଣ୍ଡେସନ୍ ପ୍ରଦାନ କରାଯାଏ ।ଏହି ପ୍ରତିଯୋଗିତାରେ ସମଗ୍ର ଦେଶର ଡିଜାଇନ୍ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଦୁଇ-ପର୍ଯ୍ୟାୟର ମୂଲ୍ୟାୟନ ପ୍ରକ୍ରିୟା ଅନୁସରଣ କରାଯାଇଥିଲା। ଅନ୍ତିମ ପର୍ଯ୍ୟାୟର ବିଚାରକମାନେ ଥିଲେ - ଶିରୀଷ ବେରୀ, ଚେତନ ଶ୍ରୀପ୍ରସାଦ ଏବଂ ରୋଶନି ଉଦୟବର ରହିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ଥିବା ଅମିତ ଚାଟାର୍ଜୀଙ୍କୁ ପୁରସ୍କାର ସ୍ୱରୂପ ୬୦,୦୦୦/- ଦିଆଯାଇଥିଲା । ଅମିତ ଚାଟାର୍ଜୀ ଏହି ଅର୍ଥରାଶିକୁ ଇଥୋସ୍ ବ୍ରିଜ୍ ସ୍କଲାରଶିପ୍ ପ୍ରଦାନ ପାଇଁ ଦାନ କରିଥିଲେ । ସ୍ଥାପତ୍ୟ ଶିକ୍ଷା କ୍ଷେତ୍ରରେ ଆର୍ଥିକ ଭାବେ ଦୁର୍ବଳ ଛାତ୍ରଛାତ୍ରୀଙ୍କୁ ଏହି ସ୍କଲାରଶିପ୍ ଜରିଆରେ ଆର୍ଥିକ ସହାୟତା ଯୋଗାଇ ଦିଅ ଯାଏ । ଭାରତର ପ୍ରଖ୍ୟାତ ସ୍ଥପତି ଗୀତା ବାଳକୃଷ୍ଣନଙ୍କ ନେତୃତ୍ୱରେ ପରିଚାଳିତ ଇଥୋସ୍ ଫାଉଣ୍ଡେସନ୍ ସ୍ଥାପତ୍ୟ ଶିକ୍ଷାରେ ସାମାଜିକ ଦାୟିତ୍ୱକୁ ପ୍ରୋତ୍ସାହନ କରିବାର ଲକ୍ଷ୍ୟ ରଖେ।

## ଭାରତ-ଚିଲି ମଧ୍ୟରେ ବାଣିଜ୍ୟ ଏବଂ ବ୍ୟବସାୟ ଦ୍ୱିପାକ୍ଷିକ ଆଲୋଚନା ଅନୁଷ୍ଠିତ







**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ଚିଲି ଗଣତନ୍ତ୍ରର ରାଷ୍ଟ୍ରପତି ମହାମହିମ ଗାବ୍ରିଏଲ ବୋରିକ ଫଣ୍ଟ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ୭୬ ବର୍ଷ ପୂରଣ ଅବସରରେ ୨୦୨୫ ମସିହା ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀ ବ୍ୟତୀତ ରାଷ୍ଟ୍ରପତି ବୋରିକ୍ ଆଗ୍ରା, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ମୋଦୀ ୨୦୨୫ମସିହା ଏପ୍ରିଲ ୧ ତାରିଖରେ ହାଇଦ୍ରାବାଦ ହାଉସରେ ରାଷ୍ଟ୍ରପତି ବୋରିକଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ରାଷ୍ଟ୍ରପତି ବୋରିକ୍, ଯିଏକି ବୋରିକ୍ ଓ ତାଙ୍କ ସହ ଆସିଥିବା ପ୍ରତିନିଧି ଦଳର ସମ୍ମାନରେ ଏକ ଭୋଜିର ଆୟୋଜନ କରିଥିଲେ । ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ରାଷ୍ଟ୍ରପତି ବୋରିକଙ୍କୁ ଭେଟିଥିଲେ। ଏହି ଅବସରରେ ପାରସ୍ପରିକ ସ୍ୱାର୍ଥର ସମସ୍ତ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ବହୁମୁଖୀ ସମ୍ପର୍କକୁ ଆହୁରି ସମ୍ପ୍ରସାରିତ ଏବଂ ଦୃଢ କରିବା ଲାଗି ଦୁଇ ଦେଶ ଇଚ୍ଛା ବ୍ୟକ୍ତ କରିଥିଲେ। ଏହି ବୈଠକରେ ଦୁଇ ନେତା ବାଣିଜ୍ୟ ଏବଂ ନିବେଶ, ସ୍ୱାସ୍ଥ୍ୟ ଏବଂ ଫାର୍ମାସ୍ୟୁଟିକାଲ୍, ପ୍ରତିରକ୍ଷା ଏବଂ ସୁରକ୍ଷା, ଭିତ୍ତିଭୂମି, ଖଣି ଏବଂ ଖଣିଜ ସମ୍ପଦ, କୃଷି ଏବଂ ଖାଦ୍ୟ ସୁରକ୍ଷା, ସବୁଜ ଶକ୍ତି, ଆଇସିଟି, ଡିଜିଟାଇଜେସନ୍, ନବସୃଜନ, ବିପର୍ଯ୍ୟୟ ପରିଚାଳନା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ, ଶିକ୍ଷା ଏବଂ ଜନ-ଜନ ସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କର ସମ୍ପୂର୍ଣ୍ଣ ପରିସରକୁ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ। ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ସ୍ତରରେ ନିୟମିତ ଆଦାନ ପ୍ରଦାନ ଜାରି ରଖିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ। ଉଭୟ ନେତା ସ୍ୱାସ୍ଥ୍ୟ ଏବଂ ମହାକାଶ, ଆଇସିଟି, କୃଷି, ସବୁଜ ଶକ୍ତି, ଔଷଧ, ଆଣ୍ଟାର୍କଟିକା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, କ୍ରୀଡା, ଷ୍ଟାର୍ଟଅପ, ସମବାୟ ସମିତି ଏବଂ ଅଡିଓ ଭିଜୁଆଲ୍ ସହ-ଉତ୍ପାଦନ କ୍ଷେତ୍ରରେ ସହଯୋଗ ପାଇଁ ନୂତନ ମାର୍ଗ ଖୋଲିବାକୁ ଅନୁସନ୍ଧାନ କରିବାକୁ ରାଜି ହୋଇଥିଲେ।




ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀ ଠାରେ 'ପରିବେଶ - ୨୦୨୫' ଶୀର୍ଷକ ୨ ଦିନିଆ ଜାତୀୟ ସମ୍ମିଳନୀକୁ ଉଦଘାଟନ କରିବା ଅବସରରେ ଉପସ୍ଥିତ ଅନ୍ୟ ଅତିଥିଙ୍କ ଗହଣରେ।





ନୂଆଦିଲ୍ଲୀଠାରେ ସିବିଆଇର ୬୨ତମ ପ୍ରତିଷ୍ଠା ଦିବସ ସମାରେହ ଅବସରରେ ମୁଖ୍ୟଅତିଥି ଭାବେ ରେଳ , ସୂଚନା ଓ ପ୍ରସାରଣ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭାରତ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରିବା ଅବସରରେ ।

## ସ୍ୱର୍ଗତଃ ଡା. ଦେବେନ୍ଦ୍ର ପ୍ରଧାନ ଭବିଷ୍ୟତ ପୀଢ଼ି ପାଇଁ ପ୍ରେରଣାର ଆଲୋକବର୍ତ୍ତିକା ହୋଇ ରହିବେ: ରାଜ୍ୟପାଳ



ଭୁବେନଶ୍ୱର, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସ୍ୱର୍ଗତଃ ଡା. ଦେବେନ୍ଦ୍ର ପ୍ରଧାନ ଭବିଷ୍ୟତ ପୀଢ଼ି ପାଇଁ ସବର୍ଦା ପ୍ରେରଣାର ଆଲୋକବର୍ତ୍ତିକା ହୋଇ ରହିବେ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି କହିଛନ୍ତି। ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟେର ସ୍ମରଣିକା "ସିଦ୍ଧ ପୁରୁଷ"ର ଉନ୍ମୋଚନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଡ. କମ୍ଭମ୍ପାଟି ଏହା କହିଛନ୍ତି । ସ୍ମରଣିକା "ସିଦ୍ଧ ପୁରୁଷ" ବରେଣ୍ୟ ରାଜନେତା ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କର କେବଳ ଏକ ସ୍ମୃତି ନରୁହେଁ, ବରଂ ଏହା ଜେଣ ଜ୍ଞାନୀ, ଦୃଢ଼ ପ୍ରତିଜ୍ଞ, କର୍ମ ଉପରେ ବିଶ୍ୱାସ କରୁଥିବା ଏବଂ ନିଃସ୍ୱାର୍ଥପର ସେବା କରୁଥିବା ତଥା ନେତୃତ୍ୱ ନେଉଥିବା ବ୍ୟକ୍ତିତ୍ୱଙ୍କ ସଫଳଯାତ୍ରାର ପ୍ରତିଲିପି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଭାବେ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ପ୍ରବୀଣ ରାଜେନତା ବିଶ୍ୱ ଭୂଷଣ ହରିଚନ୍ଦନ ଉଦ୍‌ବୋଧନ ଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ପ୍ରଧାନଙ୍କର ଆଦର୍ଶ, ସେବା ମନୋଭାବ ଓ ଓଡ଼ିଶା ପ୍ରତି ଅବଦାନ ସଂପର୍କରେ ଆଲୋକପାତ କରିବା ସହ ତାଙ୍କ ସହ ଥିବା ସଂପକର୍ର ସ୍ମୃତି ଚାରଣ କରିଥିଲେ। ଅତିଥି ଭାବେ ପୂର୍ବତନ ରାଜ୍ୟସଭା ସଦସ୍ୟ ସୌମ୍ୟରଂଜନ ପଟ୍ଟନାୟକ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନର ପ୍ରତିଷ୍ଠାତା ତଥା ପ୍ରକାଶକ ଗଙ୍ଗାଧର ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

















## ପୁରୀରେ ଓଡିଶା ଦିବସ ପାଳିତ




**ପୁରୀ:** ଭାଷା ଭିତ୍ତିରେ ୧୯୩୬ ମସିହାରେ ଆମେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲେ। ୨୦୩୬ ସୁଦ୍ଧା ଏକ ବିକଶିତ ଓଡିଶା ଗଠନ ଆମର ଲକ୍ଷ୍ୟ ରହିଛି ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ୯୦ ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ପ୍ରଦୀପ ପ୍ରଜ୍ୱଳନ ସହ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସମାରୋହର ଉଦଘାଟନ କରିଥିଲେ। ସରକାର ଓଡ଼ିଆ ଅସ୍ମିତା ପାଇଁ ୨୦୦ କୋଟି ଟଙ୍କାର ବଜେଟ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଥିଲେ। ପୁରୀ ଏକ ପବିତ୍ର ମାଟି ।ତେଣୁ ଏହି କ୍ଷେତ୍ରର ସର୍ବାଙ୍ଗୀନ ବିକାଶ ଆମ ସମସ୍ତଙ୍କର ଲକ୍ଷ୍ୟ ବୋଲି କହିବା ସହ ଏହି ବିକାଶ ପ୍ରକ୍ରିୟାରେ ସାମିଲ ପାଇଁ ସେ ସମସ୍ତ କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇ ଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧକ୍ଷତା କରିବା ସହ ସ୍ୱତନ୍ତ୍ର ଓଡିଶା ଗଠନର ଇତିହାସ, ଓଡିଶାର ଐତିହ୍ୟ, ମହାମନିଷୀ ମାନଙ୍କର ଅବଦାନ ଓ ଆଧୁନିକ ଓଡିଶା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅତିଥି ପରିଚୟ, ପ୍ରାରମ୍ଭିକ ସୂଚନା, ସ୍ୱାଗତ ଭାଷଣ ଓ ସଭା ପରିଚାଳନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ପୁରୀସ୍ଥିତ ରିଜର୍ଭ ପଡିଆରେ ୯୦ତମ ଓଡିଶା ପୋଲିସ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ପୋଲିସ୍ ଆରକ୍ଷୀ ଅଧିକ୍ଷକ ବିନିତ୍ ଅଗ୍ରୱାଲ ଯୋଗଦେଇ ଉତ୍ତମ ସେବା ପାଇଁ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି ।

## ଭୁବନେଶ୍ୱର ଜନତା ମଇଦାନଠାରେ ୧୯ତମ ଜାତୀୟ ହସ୍ତଶିଳ୍ପ ମେଳା ତୋଷାଳୀ ଉଦ୍‌ଯାପିତ













# ୫୭ତମ ଜାତୀୟ ଖୋ ଖୋ ଚମ୍ପିୟାନସିପ୍ ଉଦ୍‌ଘାଟିତ







ପୁରୀ: ତାଳବଣିଆ ସ୍ପୋର୍ଟ୍ସ ଗ୍ରାଉଣ୍ଡ ପରିସରରେ ୫ ଦିନିଆ ଜାତୀୟ ୫୭ ତମ ପୁରୁଷ ଓ ମହିଳା ଖୋ ଖୋ ଚମ୍ପିୟାନସିପ୍ ଉଦଘାଟିତ ହୋଇଯାଇଛି ।ରାଜ୍ୟ ଖୋଖୋ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କ୍ରୀଡା କୁ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏହାକୁ ଉଦଘାଟନ କରିବା ସହ ପ୍ରତ୍ୟେକ କ୍ରିଡା ଶୃଙ୍ଖଳା ଓ ଭାଇଚାରାର ଶିକ୍ଷା ଦେଇଥାଏ ।ବିଭିନ୍ନ ରାଜ୍ୟ ରୁ ଆସିଥିବା ଏହି କ୍ରୀଡାବିତ ମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରି ଦେଶ ପାଇଁ ସମ୍ଫଳ ହୋଇ ପାରିବେ। ପ୍ରତିଭାର ବିକାଶ ଦିଗରେ ଖୋ ଖୋ ଖେଳ ସହାୟକ ହୋଇ ପାରିବ ବୋଲି ସେ କହିଥିଲେ ।ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ସରକାର କ୍ରୀଡାକୁ ଅଗ୍ରାଧିକାର ଦେଇଛନ୍ତି। କ୍ରୀଡାବିତ ମାନେ ନିଷ୍ଠା ଓ ଏକାଗ୍ରତା ର ସହ ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ଖୋଖୋ ଫେଡେରେସନ ଅଫ ଇଣ୍ଡିଆ ର ସଭାପତି ସୁଧାଂଶୁ ମିତଲ ଏଥିରେ ଅଧକ୍ଷତା କରିବା ସହ ସୁନ୍ଦର ବ୍ୟବସ୍ଥା ପାଇଁ ଆୟୋଜକ ଙ୍କୁ ପ୍ରଶଂସା କରିଥିଲେ ।ଖୋ ଖୋ କୁ କମନଓ୍ବେଲଥ,ଏସିଆନ ଓ ଅଲମ୍ପିକ ରେ ସାମିଲ କରିବାର ପ୍ରୟାସ ଜାରି ରହିଛି ବୋଲି କହିଥିଲେ ।ସାଧାରଣ ସମ୍ପାଦକ ଏମ ଏସ ତ୍ୟାଗୀ ବହୁତ କମ ସମୟ ମଧ୍ୟରେ ଏହି ଜାତୀୟ କ୍ରୀଡା ର ସଫଳ ଆୟୋଜନ ପାଇଁ ରାଜ୍ୟ ଆୟୋଜକ ଙ୍କୁ କୃତଜ୍ଞତା ଜଣାଇଥିଲେ। ଓଡିଶା ଖୋ ଖୋ ସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ସମସ୍ତଙ୍କୁ ସ୍ୱାଗତ ସହ ସମ୍ବର୍ଦ୍ଧିତ କରିଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ପୁରୀ ଜିଲ୍ଲା ଆଥଲେଟିକ ଆସୋସିଏସନ ର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ,ଅନ୍ୟାନ୍ୟ ଅତିଥି ମାନେ ଖୋଖୋ ପ୍ରତିଯୋଗିତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲା କ୍ରିଡା ଅଧିକାରୀ ଶ୍ରୀ ଚନ୍ଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।ମୁଖ୍ୟ ଅତିଥି କ୍ରୀଡା ପତାକା ଉତ୍ତୋଳନ କରିବା ସହ ପ୍ରତିଯୋଗିତା ଆରମ୍ଭ ର ଘୋଷଣା କରିଥିଲେ ।ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟ ରେଲୱେ, ପୋଷ୍ଟାଲ ଇତ୍ୟାଦି ର ୮୦ ଟିମ ସାମିଲ ହୋଇଛନ୍ତି ।ଅପ୍ରେଲ ୪ ତାରିଖରେ ଏହାର ଉଦଯାପନୀ କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ ଜଣାଇଛନ୍ତି ।

# ଜାତୀୟ କରାଟେ: ଓଡ଼ିଶାକୁ ୮ ପଦକ

**ଭୁବନେଶ୍ୱର:** ହାଇଦ୍ରାବାଦରେ ଆୟୋଜିତ ଜାତୀୟ ବରିଷ୍ଠ ଓ ୨୧ବର୍ଷରୁ କମ୍ କରାଟେ ପ୍ରତିଯୋଗିତାରେ ଓଡ଼ିଶାର କରାଟେକାମାନେ ବିଭିନ୍ନ ବିଭାଗରେ ୩ ରୌପ୍ୟ ଓ ୫ କାଂସ୍ୟ ସହ ମୋଟ ୮ ପଦକ ପାଇଛନ୍ତି। ମହିଳା ବ୍ୟକ୍ତିଗତ କାଟାରେ ଭାଲିନା ଭାଲେଣ୍ଟିନା, ୨୧ ବର୍ଷରୁ କମ୍ ପୁରୁଷ ୫୦ କିଲୋରୁ କମ୍ ଫାଇଟିଙ୍ଗ୍‌ରେ ତ୍ରିଲୋଚନ ରାଣା, ବ୍ୟକ୍ତିଗତ କାଟାରେ ବେଦାନ୍ତ ଦାସ ରୌପ୍ୟ ପଦକ ପାଇଛନ୍ତି। କାଂସ୍ୟ ପଦକଗୁଡ଼ିକ ରିତେଶ ରାୟ (୮୪ କିଲୋରୁ ଅଧିକ ଫାଇଟିଙ୍ଗ), ସୁମନ ଶେଖର ଦାସ (୮୪ କିଲୋରୁ କମ୍ ଫାଇଟିଙ୍ଗ), ତ୍ରିଲୋଚନ ରାଣା (୫୦ କିଲୋରୁ କମ୍ ଫାଇଟିଙ୍ଗ), ୨୧ ବର୍ଷରୁ କମ୍ ମହିଳା ବ୍ୟକ୍ତିଗତ କାଟାରେ ସୁରୋମିତା ସିହ୍ନା ଏବଂ ଭାଲେନା ଭାଲେଣ୍ଟିନା, ସୁରୋମିତା, ସୁପ୍ରିୟା ମହାନ୍ତି, ପ୍ରିୟଦର୍ଶିନୀ ଦାସଙ୍କୁ ନେଇ ଗଠିତ ମହିଳା କାଟା ଦଳ ଜିତିଥିଲେ। ଏହି ପ୍ରତିଯୋଗିତାରେ ପ୍ରଶିକ୍ଷକ ଓ ଅଫିସିଆଲ୍ ଭାବେ ଖାରବେଳ ମଲ୍ଲିକ, ଦୀପକ ସାମନ୍ତରା, ଅରବିନ୍ଦ ପଟ୍ଟନାୟକ, ରାଜୀବ ସିଂହ, ସନ୍ତୋଷ ମହାରଣା ଯୋଗ ଦେଇଥିବା ବେଳେ ଅବିନାଶ ପୁହିର ଦଳର ପ୍ରବନ୍ଧକଥିଲେ। ପଦକ ବିଜେତାମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରି ମହାନ୍ତି, ସଭାପତି ହରିପ୍ରସାଦ ପଟ୍ଟନାୟକ ଏବଂ କର୍ମକର୍ତ୍ତା ସଞ୍ଜୟ ଦାସ, କାଳି ପ୍ରସାଦ ନନ୍ଦ, ସନତ ନାୟକ, ପ୍ରଦୀପ କୁମାର ସରକାର, ମୀରଅଜମତ ଅଲୀ ଓ ହିମାଂଶୁ ଶେଖର ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଦଳକୁ ଆର୍ଥିକ ସହାୟତା ଯୋଗାଇଥିବାରୁ ରାଜ୍ୟ କ୍ରୀଡ଼?। ଓ ଯୁବସେବା ବିଭାଗକୁ ଓଡ଼ିଶା ରାଜ୍ୟ କରାଟେ ସଂଘ ଧନ୍ୟବାଦ ଅର୍ପଣ କରିଛି।



# ଏନ୍‌ସିଏ ଏଲିଟ୍ କ୍ୟାମ୍ପ୍‌ରେ ଓଡ଼ିଶାରୁ ୪



**ଭୁବନେଶ୍ୱର:** ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମି (ଏନ୍‌ସିଏ) ପକ୍ଷରୁ ଆୟୋଜିତ ହେବାକୁ ଥିବା ଏନ୍‌ସିଏ ୧୬ବର୍ଷରୁ କମ୍ ବାଳକ ଏଲିଟ୍ ପ୍ରଶିକ୍ଷଣ ଶିବିର ଲାଗି ଓଡ଼ିଶାର ୪ଜଣ ଖେଳାଳି ମନୋନୀତ ହୋଇଛନ୍ତି। ବିଜୟ ମର୍ଚ୍ଚାଣ୍ଟ୍ ଘରୋଇ କ୍ରିକେଟ୍ ପ୍ରତିଯୋଗିତାର ପ୍ରଦର୍ଶନ ଆଧାରରେ ସେମାନଙ୍କୁ ଏହି ସମ୍ମାନଜନକ ଶିବିର ଲାଗି ଡାକରା ମିଳିଛି। ଖେଳାଳିମାନେ ହେଲେ ମହେଶ କେ ସାହୁ, ପାନକଳା ମୋଖିତ, ସ୍ୱାଗତ ସୌରଭ ମିଶ୍ର ଓ ରାଜ ଯାଦବ। ତାମିଲନାଡୁର ସଲେମଠାରେ ଆୟୋଜିତ ହେବାକୁ ଥିବା ଟିମ୍- ଏ' ପ୍ରଶିକ୍ଷଣ ଶିବିରରେ ମହେଶ, ପାନକଳା ଜୟପୁରରେ ଆୟୋଜିତ ହେବାକୁ ଥିବା ଟିମ୍-ବି' ଏବଂ ସ୍ୱାଗତ ଓ ରାଜ୍ ମହାରାଷ୍ଟ୍ରର ପୁଣେଠାରେ ଆୟୋଜିତ ହେବାକୁ ଥିବା ଟିମ୍-ଡି' ପ୍ରଶିକ୍ଷଣ ଶିବିରରେ ଯୋଗଦେବେ। ଏହି ଶିବିର ଏପ୍ରିଲ ୮ରୁ ୧୪ ମେ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିଲାଗି ମହେଶ, ପାନକଳା, ସ୍ୱାଗତ ଓ ରାଜ୍ ?ଙ୍କୁ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ସଂପାଦକ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି।

### ୨୦୩୬ ଅଲିମ୍ପିକ୍ସ

# ଭାରତ ୬୪,୦୦୦ କୋଟି ଟଙ୍କାର ବିଡ୍ ଦାଖଲ କରିବ



**ଅହମଦାବାଦ:** ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ବିଡ୍ ଦାଖଲ କରିବା ଦିଗରେ ଭାରତ ଆଉ ପାଦେ ଆଗେଇଛି। ଗୁଜରାଟର ଦ୍ୱୈତନଗରୀ ଅହମଦାବାଦ ଓ ଗାନ୍ଧୀନଗରରେ ଏହାକୁ ଆୟୋଜନ କରିବା ଲାଗି ଯୋଜନା କରାଯାଉଛି। ଭାରତ ଏଥିଲାଗି ୩୪୭୦୦ରୁ ୬୪୦୦୦ କୋଟି ଟଙ୍କାର ବିଡ୍ ଦାଖଲ କରିବାକୁ ଲକ୍ଷ୍ୟ ରଖିଛି। ଗାନ୍ଧୀନଗରରେ ବସିଥିବା ଅଲିମ୍ପିକ୍ସ ଆୟୋଜନର ତୃତୀୟ ପ୍ରସ୍ତୁତି ବୈଠକରେ ଏଥିନେଇ ବିସ୍ତୃତ ଆଲୋଚନା କରାଯାଇଛି। ସେହିଭଳି ଅହମଦାବାଦ, ଗାନ୍ଧୀନଗର ସହ ଭୋପାଳ, ଗୋଆ, ମୁମ୍ବାଇ ଓ ପୁଣେକୁ ଅଲିମ୍ପିକ୍ସର କିଛି ଖେଳ ଆୟୋଜନ କରିବାକୁ ମଧ୍ୟ ବିଚାର କରାଯାଉଛି। ସୂଚନା ଅନୁସାରେ ଅହମଦାବାଦ ଅଲିମ୍ପିକ୍ସ ବଜେଟ ପ୍ୟାରିସ୍ ଓ ଲସ୍‌ଏଞ୍ଜେଲ୍‌ସ ଅଲିମ୍ପିକ୍ସଠାରୁ ଯଥେଷ୍ଟ ଅଧିକ ହେବ। ଭାରତର ବିଡ୍ ଯେମିତି ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଯଥେଷ୍ଟ ଭଲ ହେବ ସେଥିନେଇ ସମନ୍ୱୟ ସମିତି ଗଠନ କରିବା ନିଷ୍ପତ୍ତି ମଧ୍ୟ ବିଚାରାଧୀନ ରହିଛି।

### ବାରବାଟୀରେ ଟ୍ୱେଣ୍ଟି-୨୦

# ଡିସେମ୍ବରରେ ଭାରତ-ଦକ୍ଷିଣ ଆଫ୍ରିକା



ଭୁବନେଶ୍ୱର: ମାତ୍ର ୧୧ ମାସ ଭିତରେ ବାରବାଟୀ ଷ୍ଟାଡିୟମ୍ ଦ୍ୱିତୀୟ ଥର ପାଇଁ ଏକ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବାକୁ ଯାଉଛି। ଡିସେମ୍ବର ମାସରେ ଭାରତ ଗସ୍ତରେ ଦକ୍ଷିଣ ଆଫ୍ରିକା ଦଳ ଖେଳିବାକୁ ଥିବା ୫ ମ୍ୟାଚ୍ ଟ୍ୱେଣ୍ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ବାରବାଟୀରେ ଖେଳାଯିବ ବୋଲି ସୂଚନା ମିଳିଛି।

ଶୃଙ୍ଖଳାର ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକ ଯଥାକ୍ରମେ ନାଗପୁର (ଡିସେମ୍ବର ୧୧), ଧର୍ମଶାଳା (ଡିସେମ୍ବର ୧୪), ଲକ୍ଷ୍ନୌ (ଡିସେମ୍ବର ୧୭), ଅହମଦାବାଦ (ଡିସେମ୍ବର ୧୯)ରେ ଖେଳାଯିବ। କୋଲକାତାରେ ଶନିବାର ଆଇପିଏଲ୍‌ର ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ଅନୁଷ୍ଠିତ ବିସିସିଆଇର ଆପେକ୍ସ କାଉନସିଲ ବୈଠକ ଶେଷରେ ଏହି ସୂଚନା ଦିଆଯାଇଛି। ବାରବାଟୀରେ ମଧ୍ୟ ଏହା ଚତୁର୍ଥ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ହେବ। ପୂର୍ବ ତିନିଟିରୁ ଦୁଇଟିରେ ଦକ୍ଷିଣ ଆଫ୍ରିକା ଖେଳିବା ସହ ବିଜୟୀ ହୋଇଥିଲା। ଭାରତର ଏକମାତ୍ର ବିଜୟ ୨୦୧୭ରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରୁ ମିଳିଥିଲା। ୨୦୧୫ ଏବଂ ୨୦୨୨ରେ ଦକ୍ଷିଣ ଆଫ୍ରିକା ଖେଳି ବିଜୟୀ ହୋଇଥିଲା। ସୂଚନାଯୋଗ୍ୟ, ବାରବାଟୀ ଷ୍ଟାଡିୟମ୍ ଚଳିତ ବର୍ଷ ଫେବ୍ରୁଆରି ୯ ତାରିଖରେ ଭାରତ-ଇଂଲଣ୍ଡ ଦିନିକିଆ ମ୍ୟାଚ୍ ଆୟୋଜନ କରିଥିଲା। ଗୋଟିଏ ବର୍ଷ ଭିତରେ ଦୁଇଟି ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବା ବାରବାଟୀ ପାଇଁ ଦ୍ୱିତୀୟ ଉଦାହରଣ ହେବ। ପ୍ରଥମ ତଥା ଶେଷ ଥର ପାଇଁ ୧୯୮୭ ଜାନୁଆରିରେ ଭାରତ-ଶ୍ରୀଲଙ୍କା ଟେଷ୍ଟ୍ ଏବଂ ଅକ୍ଟୋବର ଜିମ୍ବାୱେ-ଅଷ୍ଟ୍ରେଲିଆ ଦିନିକିଆ ବିଶ୍ୱକପ୍ ମ୍ୟାଚ୍ ଖେଳାଯାଇଥିଲା। ଭାରତ ଗସ୍ତରେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ପୂର୍ବରୁ ଦକ୍ଷିଣ ଆଫ୍ରିକା ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ଟେଷ୍ଟ୍ ଶୃଙ୍ଖଳାର ଦ୍ୱିତୀୟ ଟେଷ୍ଟ୍ ଗୁଆହାଟୀରେ ଖେଳାଯିବ। ଏହା ହେଲେ ଗୁଆହାଟୀ ଟେଷ୍ଟ୍ କ୍ରିକେଟ୍‌ରେ ପଦାର୍ପଣ କରିବ। ଏହା ପୂର୍ବରୁ ଦିଲ୍ଲୀରେ ପ୍ରଥମ ଟେଷ୍ଟ୍ ଖେଳାଯିବ। ଉଭୟ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଖେଳିବେ।





କଟକ ବାରବାଟୀ ଷ୍ଟାଡ଼ିୟମଠାରେ ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ବାର୍ ଏବଂ ବେଞ୍ଚ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଆୟୋଜନ କରାଯାଇଥିବାବେଳେ ଏଥିରେ ବିଜୟ ହାସଲ କରିଥିବା ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।




ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୪୮ତମ ସିନିଅର ନେସନାଲ ଟେନି-କୋଏଟ ଚାମ୍ପିଅନସିପକୁ ମୁଖ୍ୟ ଅତିଥି ତଥା ଉଦ୍‌ଘାଟକ ଭାବେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇଥିବାବେଳେ ଏହି ଚାମ୍ପିଅନସିପରେ ଦେଶର ବିଭିନ୍ନ ରାଜ୍ୟର ୪୦୦ରୁ ଅଧିକ ଖେଳାଳି ଯୋଗ ଦେଇଥିଲେ।

# ଓଡ଼ିଶା ଅଲିମ୍ପିକ ସଂଘ ନିର୍ବାଚନ: ସମୀର ନୂଆ ସଭାପତି, ଅଭିଜିତ ସଂପାଦକ



**କଟକ:** ୨୦୨୫-୨୦୨୯ ପାଇଁ ଓଡ଼ିଶା ଅଲିମ୍ପିକ ସଂଘର କର୍ମକର୍ତ୍ତାଙ୍କ ପଦବି ପୂରଣ ହେବା ଚୂଡ଼ାନ୍ତ ହୋଇଛି। ବରିଷ୍ଠ ବିଜେପି ନେତା ସମୀର ମହାନ୍ତି ବିନା ପ୍ରତିଦ୍ୱନ୍ଦ୍ୱିତାରେ ସଂଘର ସଭାପତି ହେବା ସ୍ଥିର ହୋଇଥିବା ବେଳେ ବିଶିଷ୍ଟ କ୍ରୀଡ଼ା ସଂଗଠକ ତଥା ଅଲିମ୍ପିକ୍ ସଂଘର ସଂପାଦକ ରହିଥିବା ଅଭିଜିତ ପାଲ ପୁଣି ଥରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନୂଆ ସଭାପତି ପଦମଣ୍ଡନ କରିବାକୁ ଯାଉଥିବା ଶ୍ରୀ ମହାନ୍ତି ଭୁବନେଶ୍ୱର ଜିଲ୍ଲା ଦୌଡ଼କୁଦ ସଂଘର ପ୍ରତିନିଧିତ୍ୱ କରୁଛନ୍ତି। ସେ ପ୍ରଥମଥର ପାଇଁ ଓଓଏ ସଭାପତି ହେବେ। ଓଓଏର ନିର୍ବାଚନ ପ୍ରକ୍ରିୟା ଗତ ଫେବ୍ରୁଆରି ୨୭ତାରିଖରୁ ଆରମ୍ଭ ହୋଇଥିଲା। ସଂଘର ଅଧିନିୟମ ଅନୁସାରେ ଅଲିମ୍ପିକ ସଂଘର ଗୋଟିଏ ସଭାପତି, ଗୋଟିଏ ସାଧାରଣ ସମ୍ପାଦକ, ୬ଟି ଉପସଭାପତି, ଦୁଇଟି ଯୁଗ୍ମ ସମ୍ପାଦକ, ଗୋଟିଏ କୋଷାଧକ୍ଷ, ୧୧ଟି କାଉନ୍‌ସିଲ ସଦସ୍ୟ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

# ଶ୍ରୀ ସଦାଶିବ କ୍ରୀଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ



**ପୁରୀ:** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ କ୍ରୀଡ଼ା ନିର୍ଦ୍ଦେଶକ, ପ୍ରଫେସର ବନମାଳି ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ବିମଳ ମହାନ୍ତି ଏହି କାର୍ଯ୍ୟକ୍ରମର ନିର୍ଦ୍ଦେଶନା ତଥା ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ବିଜୟ ପାଲ, ପ୍ରଫେସର ନିର୍ମଳା ପାଣିଗ୍ରାହି, ପ୍ରଫେସର ଭାସ୍କର ରେଡ୍ଡୀ, ଡକ୍ଟର ମହେଶ ପାଣିଗ୍ରାହି, ଡକ୍ଟର ରମାକାନ୍ତ ମିଶ୍ର, ଡକ୍ଟର ରମାକାନ୍ତ ସା, ଡକ୍ଟର ଓମ ନାରାୟଣ ମିଶ୍ର, ଡକ୍ଟର ସୁଶାନ୍ତ କୁମାର ରାୟ, ଡକ୍ଟର ସୁଶାନ୍ତ କୁମାର ରାୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରଥମେ ସେଠାରେ ଶିକ୍ଷା ବିଭାଗର ଛାତ୍ରମାନଙ୍କ ଦ୍ୱାରା ଏକ ସଂଗୀତ ଆଥଲେଟିକ୍ ଉପସ୍ଥାପନା ହୋଇଥିଲା ପରେ କବାଡି ଏବଂ ଚେସ୍, କ୍ୟାରମ୍ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା ଏହା ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ ଥିଲା । ଶ୍ରୀ ସଦାଶିବ୍ କ୍ୟାମ୍ପସ୍ ସର୍ବଦା ଛାତ୍ରମାନଙ୍କର ସାମଗ୍ରିକ ବିକାଶ ପାଇଁ ଏହିପରି କାର୍ଯ୍ୟଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରିଥାଏ ।



# ପୁରୀ ସାହିଯାତ ପାଇଁ ୧୬ ଲକ୍ଷ ଅନୁଦାନ ରାଶି ଘୋଷଣା କଲେ ରାଜ୍ୟ ସରକାର







ପବିତ୍ର ରାମ ନବମୀ ଅବସରରେ ଶ୍ରୀକ୍ଷେତ୍ରରେ ଥିବା ଜାଗା ଆଖଡ଼ାର ଯୁବକମାନଙ୍କ ଦ୍ୱାରା ପ୍ରସିଦ୍ଧ ସାହିଯାତ ଅନୁଷ୍ଠିତ ହୁଏ। ଚଳିତବର୍ଷ ଏହାକୁ ଭବ୍ୟ ଓ ଦିବ୍ୟ ଭାବରେ ଆୟୋଜନ କରିବା ପାଇଁ ପୁରୀର ସାଂସଦ ଡ. ସମ୍ବିତ ପାତ୍ର ଓ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଆଠସାହି ଆଖଡ଼ା ମିଳିତ ସମନ୍ୱୟ ସମିତି ସହ ପୁରୀର ପ୍ରଶାସନିକ ଅଧିକାରୀମାମାନେ ଉପସ୍ଥିତ ରହି ବିସ୍ତୃତ ଆଲୋଚନା ଭୁବନେଶ୍ୱରସ୍ଥିତ ସଂସ୍କୃତି ନିର୍ଦ୍ଦେଶାଳୟଠାରେ କରାଯାଇଛି। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ଚଳିତ ବର୍ଷ ୧୬ ଲକ୍ଷ ଆର୍ଥିକ ପ୍ରୋତ୍ସାହନ ରାଶି ସହିତ ଅନ୍ୟ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ସରକାର ଓ ପ୍ରଶାସନ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛନ୍ତି ବୋଲି ଉପସ୍ଥିତ ସାଂସଦ ଡ. ପାତ୍ର ସୂଚନା ଦେଇଛନ୍ତି।

Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

Edited by
Rajesh Kumar Mohanty